# ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ

**ଜୟପୁର, ୨୭।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ଗତ ୪ ବର୍ଷ ପୂର୍ବେ ଏକ ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ଯୁବକକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ସ୍ୱତନ୍ତ୍ର ପୋକ୍ସୋ ଜଜ୍ କୋର୍ଟରେ ଏହି ମାମଲାର ବିଚାରଣ ପରେ ଅଭିଯୁକ୍ତ ବୋରିଗୁମ୍ମା ଥାନା ଆମଡାଗୁଡା ଗ୍ରାମର ଡମ୍ବୁ ମୁଦୁଲି (୨୫)ଓରଫ ପରଜାକୁ ଦୋଷୀ ସାବ୍ୟସ୍ତ କରାଯାଇ ଆଜୀବନ କାରାଦଣ୍ଡରେ ଦଣ୍ଡିତ ସହିତ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି। ସେହିପରି ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ନାବାଳିକାଙ୍କ ପରିବାରକୁ ସମୁଦାୟ ୭ ଲକ୍ଷ ଟଙ୍କା ଏବଂ ଜରିମାନା ଆଦାୟ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲା ପରିଚାଳନା ସମୟରେ ୭ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ମଧ୍ୟରୁ ସାଢ଼େ ୩ ଲକ୍ଷ ପ୍ରଦାନ କରାଯାଇଥିବାବେଳେ ବଳକା ପ୍ରଦାନ କରାଯିବ।

ମାମଲା ଅନୁଯାୟୀ, ଅଭିଯୁକ୍ତ ଡମ୍ବୁ ମଦୁଲି ୨୦୧୯ ନଭେମ୍ବର ୬ ତାରିଖରେ ସ୍ଥାନୀୟ ଅଞ୍ଚଳର ୬ ବର୍ଷିୟା ନାବାଳିକାକୁ ମାଛ ଧରିବାକୁ ଯିବା ପୂର୍ବାହ୍ନ ୧୦ଟାରେ ନିକଟସ୍ଥ ନୀଳଗିରି ଜଙ୍ଗଲକୁ ନେଇ ଦୁଷ୍କର୍ମ କରିଥିଲା ଏବଂ ଏହି ଘଟଣା କାହାକୁ ନ କହିବାକୁ ଧମକଚମକ ଦେଇ ଜୀବନରୁ ମାରିବାକୁ ଚେତାବନୀ ଦେଇଥିଲା। ଏହିପରି ନାବାଳିକା ଘରକୁ ଫେରିଥିଲା ଏବଂ ଏହାର ପରଦିନ ନିଜ ପରିବାରକୁ ସମସ୍ତ ଘଟଣା କହିଥିଲା। ଏହାପରେ ନାବାଳିକାକୁ ଚିକିତ୍ସାଳୟରେ ଭର୍ତ୍ତି କରାଯିବା ସହ ଥାନାରେ ଏତଲା ଦାୟର କରାଯାଇଥିଲା। ତତ୍କାଳିନ ବୋରିଗୁମ୍ମା ଥାନା ଅଧିକାରୀ ସଞ୍ଜୟ କୁମାର ମଣ୍ଡଳ ଏହି ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତକୁ ଗିରଫ କରିଥିଲେ। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଆଇନଜୀବୀ ବି.ଗାୟତ୍ରୀ ଦେବୀ ପରିଚାଳନା କରିଥିଲେ।

# ବରିଷ୍ଠ ତୀର୍ଥଯାତ୍ରୀଙ୍କ ଗୟା ଓ ବାରଣାସୀ ଯାତ୍ରା

**ନବରଙ୍ଗପୁର,୨୭।୧(ସମିସ)**

ରାଜ୍ୟ ସରକାର ବରିଷ୍ଠ ନାଗରିକ ମାନେ କିପରି ସୁବିଧାରେ ତୀର୍ଥ ଯାତ୍ରା କରିପାରିବେ ସେଥିପାଇଁ ଯୁଗାନ୍ତକାରୀ ତୀର୍ଥ ଯାତ୍ରା ଯୋଜନା କରିଛନ୍ତି। ଆଜି ନବରଙ୍ଗପୁର ଜିଲ୍ଲାରୁ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ୧୩୦ ତୀର୍ଥ ଯାତ୍ରୀ ଗୟା ଓ ବାରଣାସୀ ଯାତ୍ରା ନିମନ୍ତେ ରାୟଗଡା ରେଳ ଷ୍ଟେସନ ଅଭିମୁଖେ ବାହାରିଲେ। ରାୟଗଡା ରେଳ ଷ୍ଟେସନ ରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଜାନୁଆରୀ ୨୮ ତାରିଖରେ ଏହାର ଶୁଭ ଉଦ୍ଘାଟନ ପରେ ସମସ୍ତ ତୀର୍ଥ ଯାତ୍ରୀ ଗୟା ଓ ବାରଣାସୀ ଅଭିମୁଖେ ଯାଇ ବିଭିନ୍ନ ସ୍ଥାନ ଭ୍ରମଣ କରିବେ। ସ୍ଥାନୀୟ ମିଶନ ଶକ୍ତି ସଭା ଗୃହରେ ଆଜି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡଃ କମଳ ଲୋଚନ ମିଶ୍ର ଯୋଗଦେଇ ବରିଷ୍ଠ ନାଗରିକ ମାନଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ସମସ୍ତ ତୀର୍ଥ ଯାତ୍ରୀ ମାନେ କିପରି ଭଲ ରେ ଯାଇ ଫେରିବେ ସେଥିପାଇଁ ଶୁଭେଚ୍ଛା ଜଣାଇ ଥିଲେ। ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ବରିଷ୍ଠ ନାଗରିକ ମାନଙ୍କୁ ନେଇଯାଉଥିବା ତୀର୍ଥ ଯାତ୍ରାବସ ଗୁଡ଼ିକୁ ସବୁଜ ପତାକା



ଦେଖେଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ଓ ଜିଲ୍ଲା ପର୍ଯ୍ୟଟନ,ଓ ସଂସ୍କୃତି ଅଧିକାରୀ, ଘାସିଆ ହରିଜନ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ସମସ୍ତ ବ୍ଲକ୍ ର ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ମାନେ ଓ ଶାରୀରିକ କ୍ରୀଡ଼ା ଶିକ୍ଷକ ଅଜିତ ପରିଜା, ମନରଞ୍ଜନ ପ୍ରହରାଜ ବରିଷ୍ଠ ରାଜସ୍ୱ ସହାୟକ ଏନ୍ ପଦ୍ମା, ଏ ସନ୍ତୋଷ କୁମାର ପ୍ରମୁଖ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସହୋଯାଗ କରିଥିଲେ। ତୀର୍ଥ ଯାତ୍ରୀଙ୍କ ମାନଙ୍କ ସହାୟତା ନିମନ୍ତେ ୬ ଜଣ ଏସ୍କଟ ଅଫିସର ଯାତ୍ରା କରିଛନ୍ତି।

## କୋରାପୁଟ

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନା ମାଧ୍ୟମରେ କୋରାପୁଟ ଜିଲ୍ଲାରୁ ୨୦୭ ଜଣ ବରିଷ୍ଠ ତୀର୍ଥଯାତ୍ରୀ ରାୟଗଡା ଅଭିମୁଖେ ୫ଟି ବସରେ ଯାତ୍ରା କରିଛନ୍ତି। ଗୟା ଆଦି ତୀର୍ଥକ୍ଷେତ୍ର ଦର୍ଶନ ପାଇଁ ଯିବାକୁ ଥିବା ବେଳେ ସଂସ୍କୃତିଭବନଠାରେ ପତାକା ଦେଖାଇ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ଯାତ୍ରାର ଶୁଭାରମ୍ଭ କରିଥିଲେ। ଆଜି ସମସ୍ତ ତୀର୍ଥଯାତ୍ରୀ ଆଜି ରାୟଗଡାରେ ରାତ୍ରିଯାପନ କରିବା ପରେ ସେଠାରୁ ରବିବାର ଟ୍ରେନ ଯୋଗେ ଯାତ୍ରା କରିବେ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ କହିଛନ୍ତି। ବିଭିନ୍ନ ବ୍ଲକ ଓ ସହରାଞ୍ଚଳ ରୁ ଆସିଥିବା ତୀର୍ଥଯାତ୍ରୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମେଡିସିନ ପ୍ରଦାନ କରାଯାଇଥିଲା। କୋରାପୁଟ ବିଧାୟକ ରଘୁରାମ ପଡାଲ, ଜିଲ୍ଲା ଯୋଜନା ଓ ପର୍‌ଯ୍ୟବେକ୍ଷଣ ବିଭାଗର ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ସୀସା ଓ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତାଳିନା ପ୍ରଧାନ, ପ୍ରମୁଖ ଶୁଭାରମ୍ଭ ବେଳେ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ଯୋଜନା ଦ୍ୱାରା ଆମ୍ଭେମାନେ ମାଗଣାରେ ତୀର୍ଥଯାତ୍ରା କରିପାରୁଛି ବୋଲି ତୀର୍ଥଯାତ୍ରୀମାନେ କହିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବରିଷ୍ଠ ତୀର୍ଥ ଯାତ୍ରାରେ କୋରାପୁଟ ସମେତ ରାୟଗଡା, ନବରଙ୍ଗପୁର, ମାଲକାନଗିରି, କଳାହାଣ୍ଡି ଆଉ ନୂଆ ପଡା ର ଯାତ୍ରୀ ମାନେ ଆସନ୍ତା କାଲି ରାୟଗଡାରୁ ସ୍ୱତନ୍ତ୍ର ଟ୍ରେନ ଯୋଗେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି। ବିନା ମୂଲ୍ୟରେ ରାଜ୍ୟ ସରକାର ବରିଷ୍ଠ ନାଗରିକମାନଙ୍କୁ ତୀର୍ଥ ଭ୍ରମଣ ପାଇଁ ସୁଯୋଗ ଦେଇଥିବାରୁ ବରିଷ୍ଠ ନାଗରିକମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# କ୍ରସର୍ ବେଲ୍ଟରେ ଚାପି ହୋଇ ଶ୍ରମିକଙ୍କ ମୃତ୍ୟୁ

ବିଷମ କଟକ,୨୭।୧(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ଥାନା ଅନ୍ତର୍ଗତ ନିରୁଗୁଣ୍ଡି ଗ୍ରାମର ଥିବା ଶ୍ରୀନିବାସ ଷ୍ଟୋନ କ୍ରସରର ମେଇନ ବେଲ୍ଟ ତଳେ ଚାପି ହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଜଣକ ବିହାର ରାଜ୍ୟର ଅଭୟ କୁମାର ବୋଲି ଜଣାପଡ଼ିଛି। ଗତ ଗୁରୁବାର ବିଳମ୍ବିତ ରାତିରେ କ୍ରସର୍ ମେଇନ୍ ବେଲ୍ଟ ପାଖରେ ଅଭୟ କୁମାରଙ୍କ ମୋବାଇଲ ଖସି ପଡ଼ିଥିଲା। ସତର୍କତା ଅବଲମ୍ବନ ନ କରି ମୋବାଇଲ ବାହାର କରିବାକୁ ଯାଇ କୌଣସି କାରଣରୁ ବେଲ୍ଟ ତଳେ ଚାପି ହୋଇ ଯାଇଥିବା ଜଣାପଡ଼ିଛି। ତେବେ ବେଲ୍ଟ ଚାପି ହୋଇ ଘଟଣାସ୍ଥଳରେ ହିଁ ଅଭୟଙ୍କ ମୃତ୍ୟୁ ଘଟିଥିଲା। ଏନେଇ କ୍ରସର୍ ମାଲିକ ବିଷମ କଟକ ଥାନାକୁ ଜଣାଇଥିଲେ। ମାଲିକଙ୍କ ଅଭିଯୋଗ ପାଇବା ପରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ଶବ ବ୍ୟବଚ୍ଛେଦ କରିବା ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ଏହା ସହ କ୍ରସର ଅପରେଟର ପିଣ୍ଟୁ ରାମଙ୍କୁ ଗିରଫ କରିବା ସହ ୨୮୭/୩୦୪ ଧାରାରେ କୋର୍ଟ ଚାଲାଣ କରିଥିବା ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି। ଅଭୟ କୁମାର ଗତ ଏକ ମାସ ହେବ ଶ୍ରୀନିବାସ କ୍ରସରରେ ଠିକା ଶ୍ରମିକ ଭାବେ ନିୟୋଜିତ ହୋଇଥିଲେ।

# ପୌର ପରିଷଦରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**ସେମିଳିଗୁଡ଼ା,୨୭।୧(ସମିସ):** ବିଜୁ ଜନତା ଦଳର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ କୋରାପୁଟ ଜିଲ୍ଲାର ସୁନାବେଡ଼ା ପୌର ପରିଷଦ ଅଧିନରେ ଥିବା ୱାର୍ଡ ନଂ ୧୮ ରୁ ଶନିବାରରୁ ଆରମ୍ଭ ହୋଇଛି। ରାଜ୍ୟ ସରକାରଙ୍କ ଉନ୍ନୟନ କାର୍ଯ୍ୟ ଓ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡିକ ଉପରେ ଘରେ ଘରେ ବୁଝାଇ ଥିଲେ। ବିଜେଡିର ଲକ୍ଷ୍ୟ ଉପରେ ସଚେତନତା ସୃଷ୍ଟି କରିଥିଲେ। ଘରେ ଘରେ ଶଙ୍ଖ ଚିହ୍ନର ଷ୍ଟିକର ମଧ୍ୟ ଲଗାଇଥିଲେ।



ପୌର ପରିଷଦ ଉପ ନଗରପାଳିକା ରିତୁ କଣ୍ଟା, ନାଗର ସଭାପତି ବିଜୟ ରାଉତ, କାଉନସିଲର, ମମତା ରାୟ, ଯୁବ କେତା ଅଶୋକ ପ୍ରଧାନ, ପୂର୍ବତନ କାଉନସିଲର ରତ୍ନାକର ନନ୍ଦ, ନେତା ଯୁନେଶ କୁଲଦୀପ, ଜି ନାଗ ରାଜୁ ସହ ବିଭିନ୍ନ ୱାର୍ଡ କାଉନସିଲର, ନେତା, କର୍ମୀ ଯୋଗ ଦେଇଥିଲେ । ବିଜୁ ଜନତା ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଜାନୁଆରି ୨୩ ତାରିଖ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀ ଦିନଠାରୁ ଓଡ଼ିଶାର କୋଣ ଅନୁକୋଣରେ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିବାବେଳେ ସୁନାବେଡା ପୌର ଅଞ୍ଚଳ ପରିଷଦ ଅଞ୍ଚଳରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ଜନ ପ୍ରତିନିଧି ଶତାଧିକ ନେତା କର୍ମୀ ଯୋଗ ଦେଇ ରାଜ୍ୟରେ ଶାସନାଧୀନ ବିଜୁ ଜନତା ଦଳର ଜନ କଲ୍ୟାଣ ଯୋଜନା ବିଷୟରେ ପ୍ରତ୍ୟେକ ଘରେ କହିବା ସହ ଉକ୍ତ ଘର ସଦସ୍ୟଙ୍କୁ ବିଜୁ ପରିବାର ସହ ଯୋଡ଼ି ଘରେଘରେ ଶଙ୍ଖ ଷ୍ଟିକର ଲଗାଯାଇଥିଲା। ପୌର ପରିଷଦ ର ସମସ୍ତ ୱାର୍ଡ଼ରେ ଆସନ୍ତା ମାର୍ଚ୍ଚ ୫ ତାରିଖ ବିଜୁ ଜୟନ୍ତୀ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସୂଚନା ମିଳିଛି।

# ବନ୍ଧୁକ ମୁନରେ ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ଲୁଟ୍

**ଝରିଗାଁ,୨୭।୧(ସମିସ):** ନବରଙ୍ଗପୁର ଜିଲ୍ଲା ଝରିଗାଁ ଥାନା ଚକଳାପଦର ପଞ୍ଚାୟତ ଅନ୍ତର୍ଗତ ପୋଡ଼ପାଣି ଗ୍ରାମର ଦୁଇ ଘରେ କିଛି ଦୁର୍ବୃତ୍ତ ପଶି ଘର ଲୋକଙ୍କୁ ବନ୍ଧୁକ ଦେଖାଇ ଟଙ୍କା ଓ ସୁନା ଗହଣା ଲୁଟ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି କରିଛି।

ସୂଚନା ପ୍ରକାରେ, ପୋଡ଼ପାଣିରେ ରହୁଥିବା ଅଭି ସନ୍ତା ସହ ତାଙ୍କ ସ୍ତ୍ରୀ ସାନ୍ଧୁ ସନ୍ତା ଏବଂ ପୁଅ

**● ଘଟଣାସ୍ଥଳ ଅନୁଧ୍ୟାନ କଲେ ଏସପି; ୩ ମୋବାଇଲ ଜବତ**

ରଘୁନାଥ ସବୁ ଦିନ ଭଳି ଗତକାଲି ରାତ୍ର ଖାଇ ସାରିବା ପରେ ଶୋଇଥିଲେ। ତେବେ ରାତ୍ର ପ୍ରାୟ ୧୨ ଘଣ୍ଟା ସମୟରେ ପ୍ରାୟ ୧୦ ଜଣ ମୁଖା ପିନ୍ଧିଥିବା ଦୁର୍ବୃତ୍ତ ଅଭି ସନ୍ତାଙ୍କ ଘରର କବାଟ ଭାଙ୍ଗି ଭିତରେ ପ୍ରବେଶ କରିଥିଲେ। ସେମାନେ ହିନ୍ଦୀ ଭାଷାରେ କଥା ହେଉଥିବା ବେଳେ ଘର ଭିତରେ ଶୋଇଥିବା ଅଭିଙ୍କ ସହ ସ୍ତ୍ରୀ ଓ ପୁଅକୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ପରିବାର ଲୋକ ଭୟରେ ରହିଥିବା ବେଳେ ଘରେ ଥିବା ୪୮ ହଜାର ଟଙ୍କା ସହ ସ୍ତ୍ରୀ ପିନ୍ଧି ଥିବା ସୁନାର ମଙ୍ଗଳ ସୂତ୍ର ସହ ନାକ ଓ କାନର ସୁନା ଗହଣା ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ଲୁଟି ନେଇଥିଲେ। ସେହିପରି ଦୁଇଟି ମୋବାଇ ଫୋନ ମଧ୍ୟ ନେବା ସହ ଘରର ଆଗ ପଟୁ କବାଟ ବନ୍ଦ କରି ଚାଲି ଯାଇଥିଲେ। ସେଠାରେ ଲୁଟ କରିବା ପରେ ୫୦ ମିଟର ଦୂରରେ ଥିବା ସୋମନାଥ ବିଶୋଇ ଘରର କବାଟ ଭାଙ୍ଗି ଘର ଭିତରେ ପ୍ରବେଶ କରିଥିଲେ। ପରେ ସମନାଥଙ୍କ ସହ ସ୍ତ୍ରୀ ରୀତା ଓ ପୁଅ ସଚିନଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ଘର ଲୋକ ଭୟଭୀତ ଅବସ୍ଥାରେ ଥିବା ବେଳେ ଘରେ ଥିବା ଲକ୍ଷାଧିକ ଟଙ୍କା ସହ ସ୍ତ୍ରୀ ପିନ୍ଧି ଥିବା ସୁନାର ମଙ୍ଗଳ ସୂତ୍ର ସହ ନାକ ଓ କାନର ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ନେଇ ଯାଇଥିଲେ। ସେହିପରି ଦୁଇଟି ମୋବାଇଲ ଫୋନ ମଧ୍ୟ ନେଇ ଯାଇଥିଲେ। ଶେଷରେ ଘରର ଆଗ ପଟୁ କବାଟ ବନ୍ଦ କରି ଦୁର୍ବୃତ୍ତ ମାନେ ଫେରାର ହୋଇ ଯାଇଥିଲେ। ଦୁଇ ପରିବାର ପକ୍ଷରୁ ଝରିଗାଁ ଥାନରେ ଅଭିଯୋଗ ଦେଇ ଥିଲେ। ଝରିଗାଁ ଆଇଆଇସି ଅନୁପସ୍ଥିତ ଥିବା ଯୋଗୁଁ ଚନ୍ଦାହାଣ୍ଡି ଆଇଆଇସି ପ୍ରଶାନ୍ତ କୋହ୍ଲାରସ, ଏସଆଇ ଖଗେଶ୍ୱର ଖସଲା, ଝରିଗାଁ ଥାନା ପକ୍ଷରୁ କେଦାରନାଥ ରାଉତ ଏବଂ ମହେଶ ପଟ୍ଟନାୟକ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପରେ ସାଇଣ୍ଟିଫିକ ଟିମ ମଧ୍ୟ ଆସିଥିବାର ସୂଚନା ମିଳିଛି। ସମ୍ବେଦନଶୀଳ ଘଟଣା ହୋଇଥିବା ଯୋଗୁଁ ନବରଙ୍ଗପୁର ଏସପି ରୋହିତ ବର୍ମା ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ଦୁଇ ପରିବାର ଲୋକଙ୍କ ସହ ଆଲୋଚନା କରିବା ସହ ସ୍ଥିତି ଅନୁଧ୍ୟାନ କରି ଫେରିଥିଲେ। ତେବେ ପୁଲିସର ତଦନ୍ତ ସମୟରେ ତିନୋଟି ମୋବାଇଲ ଫୋନ ମିଳିଥିବା ସୂଚନା ମିଳିଛି।

**■ ଜନ୍ମ ମାଟିକୁ ଫେରିପାରିଲାନି ଦାଦନ ଶ୍ରମିକ**

# ଆନ୍ଧ୍ରରେ ହେଲା ଶେଷକୃତ୍ୟ

**ନାରାୟଣପାଟଣା,୨୭।୧(ସମିସ):** କୋରାପୁଟ ଜିଲ୍ଲାରେ ଶ୍ରମ ବିଭାଗର ଅପାରଗତା ପାଇଁ ଜଣେ ଶ୍ରମିକ ଏଠି କାମ ନ ପାଇ ଦାଦନ ଖଟିବାକୁ ଯାଇ ମୃତ୍ୟୁବରଣ କରିଥିବା ଚର୍ଚ୍ଚାର ବିଷୟ ପାଲଟିଛି। କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକରେ ଏହିଭଳି ଲଜ୍ୟାଜନକ ଘଟଣା ଜିଲ୍ଲା ପ୍ରଶାସନର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘର ଚଳାଇବାକୁ ପଇସା ନଥିଲା ବେଳେ ବିଜୟୱାଡା ରୁ ପୁଅର ମୃତ ଦେହ କେମିତି ଆଣିବେ ବୋଲି ତାଙ୍କ ମାତା ପିତା ଚିନ୍ତାରେ ପଡ଼ିଥିଲେ। ଏନେଇ ଖବର ପାଇ ନାରାୟଣ ପାଟଣା ତହସିଲଦାର କିଛି ଆର୍ଥିକ ସାହାଯ୍ୟ କରିଥିବା ବେଳେ ତାହା ସମୁଦ୍ରକୁ ସଂଖେ ସଦୃଶ ହୋଇଛି। ନାରାୟଣପାଟଣାକୁ ମୃତଦେହ ଆଣିବା ପାଇଁ ଆନ୍ଧ୍ରପ୍ରଦେଶର ସରକାରୀ ଓ ବେସରକାରୀ ଆମ୍ବୁଲାନ୍ସ ଅଧିକ ଅର୍ଥ ଦାବି କରିଥିବା ବେଳେ କୌଣସି ଉପାୟ ନପାଇ ସେଠାରେ ହିଁ ଶେଷକୃତ୍ୟ ସମ୍ପନ୍ନ କରି ଦୁଃଖରେ ଫେରିଛନ୍ତି ପରିବାର ଲୋକେ। ସୂଚନାମୁତାବକ ନାରାୟଣପାଟଣା ବ୍ଲକ୍ କୁମ୍ଭାରୀ ପଞ୍ଚାୟତ ସଦରର ବାସୁଦେବ ବିଡ଼ିକାଙ୍କ ଏକ ମାତ୍ର ପୁଅ କୁମାର ବିଡିକା ପାଠ ପଢ଼ିବା ପରେ କୌଣସି କାମଧନ୍ଦା ନ ପାଇ ପରିବାର ଭରଣପୋଷଣ ନିମନ୍ତେ କାହାକୁ କିଛି ନଜଣାଇ ଦାଦନ ଖଟିବାକୁ ଚାଲି ଯାଇଥିଲେ। ପରେ କୁମାର ଦାଦନ ଖଟିବାକୁ ବିଜୟୱାଡ଼ା ଯାଇଥିବା ପରିବାର ଲୋକେ ଚଳିତ ମାସ ୨୨ ତାରିଖରେ ଜାଣିବାକୁ ପାଇଥିଲେ। ହେଲେ ଗୁରୁବାର ଦିନ ବିଜୟୱାଡ଼ା ରେଳ ଷ୍ଟେସନରେ ତାଙ୍କର ମୃତ ଦେହକୁ ଉଧାର କରିଥିଲା ସେଠିକାର ପୁଲିସ। ମୃତଦେହ ପାଖରେ ପଡ଼ିଥିବା ମୋବାଇଲ ଫୋନରେ ପରିବାର ଲୋକଙ୍କୁ ପୁଲିସ ଯୋଗାଯୋଗ କରିବା ପରେ ଦୁଃଖରେ ଭାଙ୍ଗି ପଡ଼ିଥିଲେ ପରିବାର ଲୋକେ।

# ୫ ମାସରେ ବଦଳିଲେ ଜୟପୁର ଟାଉନ ଥାନା ଅଧିକାରୀ

**● ନୂତନ ଥାନା ଅଧିକାରୀ ଭାବେ ରମଣୀରଞ୍ଜନଙ୍କ ଯୋଗଦାନ**

**ଜୟପୁର,୨୭।୧(ସମିସ):** ପାଞ୍ଚ ମାସରେ କୋରାପୁଟ ଜିଲ୍ଲା ଜୟପୁର ଟାଉନଥାନା ଅଧିକାରୀ ପୁଣି ବଦଳିଛନ୍ତି। ନୂତନ ଥାନା ଅଧିକାରୀ ଭାବେ ରମଣୀ ରଞ୍ଜନ ଦଳେଇ ଶନିବାର କାର୍ଯ୍ୟରେ ଯୋଗଦେଇଛନ୍ତି। ନୂତନ ଥାନା ଅଧିକାରୀ ଶ୍ରୀ ଦଳେଇ ଦାୟିତ୍ୱ ଗ୍ରହଣ କରିବା ପରେ ଏସଡିପିଓ ହରିଶ ବିସିଙ୍କୁ ତାଙ୍କ କାର୍ଯ୍ୟାଳୟକୁ ଯାଇ ସାକ୍ଷାତ କରିଥିଲେ। ଏହା ପୂର୍ବରୁ ନୂତନ ଥାନା ଅଧିକାରୀ ଶ୍ରୀ ଦଳେଇ ସୁନାବେଡ଼ା ଥାନା ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ତେବେ ଜୟପୁର ଟାଉନ ଥାନା ଅଧିକାରୀ ଭାବେ ଗତ ଅଗଷ୍ଟ ମାସରେ ଦାୟିତ୍ୱ ଗ୍ରହଣ କରିଥିବା ସତ୍ୟାନନ୍ଦ ପାତ୍ରଙ୍କୁ ମାତ୍ର ୫ ମାସରେ ଜିଲ୍ଲା ଏସପି ସିଙ୍ଗଲ ବଦଳି ଅର୍ଡର ମାଧ୍ୟମରେ ବଦଳି କରାଇବାକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଥାନା ଅଧିକାରୀ ଭାବେ ଶ୍ରୀ ପାତ୍ର ଥାନାର ଡିସିଓ ଫୋନକୁ ନିଜ ପାଖରେ ରଖିବା ଏବଂ ଗେଟ୍ ଗ୍ରୀଲ ବନ୍ଦ କରିଦେଇଥିବାକୁ ନେଇ ଆଇନଜୀବୀ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ବିଗତ ଦିଗରେ ଅସନ୍ତୋଷ ଦେଖାଦେଇଥିଲା। ରାଜ୍ୟ ଉଚ୍ଚ ନ୍ୟାୟାଳୟଙ୍କ ଭାରପ୍ରାପ୍ତ ବିଚାରପତି ଏବଂ ଅନ୍ୟାନ୍ୟ ବିଚାରପତିମାନଙ୍କ ନିକଟରେ ଜିଲ୍ଲା ଆଇନଜୀବୀ ସଂଘ ପକ୍ଷରୁ ମଧ୍ୟ ଏନେଇ ଅଭିଯୋଗ ହୋଇଥିଲା। ଏହାପରେ ଥାନା ଅଧିକାରୀ



ଶ୍ରୀ ପାତ୍ରଙ୍କ ବଦଳି ହୋଇଥିବା ନେଇ ଏବେ ସାଧାରଣରେ ଆଲୋଚନା ହେଉଥିବାବେଳେ ପୂର୍ବତନ ଟାଉନ ଥାନା ଅଧିକାରୀ ଶ୍ରୀ ପାତ୍ରଙ୍କୁ ସୁନାବେଡ଼ା ଥାନାକୁ ବଦଳି କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ନୂତନା ଥାନା ଅଧିକାରୀ ଶ୍ରୀ ଦଳେଇ କାର୍ଯ୍ୟଭାର ଗ୍ରହଣ କରିବା ପରେ ସହରର ଆଇନଶୃଙ୍ଖଳା, ଟ୍ରାଫିକ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବାରେ ତାଙ୍କର ପ୍ରାଥମିକତା ରହିବ ବୋଲି ସେ କହିଛନ୍ତି।

# ବସର ବ୍ରେକ୍ ଫେଲ୍; ମାଡ଼ିଗଲା ୫୦୦ ମିଟର

କୋରାପୁଟ,୨୭।୧(ସମିସ) କୋରାପୁଟରେ ବରିଷ୍ଠ ନାଗରିକ ତିର୍ଥ ଯାତ୍ରୀ ପାଇଁ ଆସିଥିବା ଏମଏସବି ନାମକ ଏକି ଘରୋଇ ବସର ବ୍ରେକ ଫେଲ ଯୋଗୁଁ ୫୦୦ ମିଟର ମାଡିଯାଇ ବିଜୁ ପାଠାଗାରକୁ ଧକ୍କାଦେଇ ଅଟକିଥିଲା। ଦୁର୍ଘଟଣାରେ ଜଣେ ଆଇନଜୀବୀ ଗୁରୁତର ହୋଇଥିବା ବେଳେ ତାଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାଏକ ମେଡିକାଲ ସ୍ଥାନାନ୍ତର କରାଯାଇ ସେଠାରୁ ବିଶାଖାପାଟଣା ପଠାଯାଇଥିବା ସୂଚନା ମିଳିଛି। ଘଟଣା ସ୍ଥଳରେ କୋରାପୁଟ ପୁଲିସ ପହଞ୍ଚି ବସକୁ ଉଦ୍ଧାର କରି ଯାତାୟାତ ସ୍ୱାଭାବିକ କରିବାକୁ ଚେଷ୍ଟା କରୁଛି। ସୂଚନାଯୋଗ୍ୟ ଯେ ଓଡି ୧୦ଡି-୬୧୮୮ ନମ୍ବର ବିଶିଷ୍ଟ ଏମଏସବି ବସ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀ ନେବା ପାଇଁ ସଂସ୍କୃତି ଭବନ ନିକଟକୁ ଆସୁଥିବା ବେଳେ ହଠାତ ବ୍ରେକ ଫେଲ ହୋଇଯାଇଥିଲା। ତୀର୍ଥଯାତ୍ରୀଙ୍କ ଅନ୍ୟ ୩ଟି ବସ ଯାଇ ସାରିଥିବା ବେଳେ ଉକ୍ତ ବସ ସେହି ସ୍ଥାନରେ ନରହି ଜିଲ୍ଲା ସଂସ୍କୃତି ଭବନରୁ ପ୍ରାୟ ଅଧା କିଲୋମିଟର ଦୂରରେ ବ୍ରେକ ଫେଲ ହୋଇ ଜାତୀୟ ରାଜପଥ ଅତିକ୍ରମ କରି ସନ୍ଧ୍ୟା ସମୟରେ ବିଜୁଳି ବେଗରେ କଳା ନିକେତନ ଛକ ଦେଇ ମାଛ ଓ ପରିବା ମାର୍କେଟ ରାସ୍ତା ଦେଇ ବିଜୁ ପାଠା ଗାର ଭିତରକୁ ପଶିଗଲା। ବସଟି ଅନିୟନ୍ତ୍ରିତ ଭାବେ ରାସ୍ତାରେ ଯାଉଥିବା ବେଳେ ଏହାକୁ ଦେଖି ସ୍ଥାନୀୟ ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ବସରେ କୌଣସି ଯାତ୍ରୀ ନଥିବା ବେଳେ ବସ ଦୁର୍ଘଟଣାରେ କୋରାପୁଟର ଜଣେ ଆଇନଜୀବୀ ଗୁରୁତର ଆହତ ହୋଇଛନ୍ତି ଏବଂ ଚିକିତ୍ସା ପାଇଁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ପଠାଯାଇଥିବା ଜଣାପଡିଛି। ଡ୍ରାଇଭରଙ୍କ ଉପସ୍ଥିତ ବୃଦ୍ଧି ଯୋଗୁଁ ଶହ ଶହ ଲୋକଙ୍କ ଜୀବନ ବଞ୍ଚି ଯାଇଥିବା ବେଳେ ବଡ ଧରଣର ଅଘଟଣରୁ ବର୍ତ୍ତିଲେ କୋରାପୁଟ ସହରବାସୀ। ତେବେ ପ୍ରଶାସନ ଏଭଳି ବସକୁ ତୀର୍ଥଯାତ୍ରୀ ନେବା ଆଣିବା ସକାଶେ କିଭଳି ମନୋନୀତ କଲେ ତାହା ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ୭ ଏକର ଜମିରୁ କୋଟିଏ ଟଙ୍କାର ଗଞ୍ଜେଇ ଗଛ ନଷ୍ଟ

**ନବରଙ୍ଗପୁର,୨୭।୧(ସମିସ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ୍ ଅନ୍ତର୍ଗତ କୁନ୍ଦେଇ ଥାନା ଅଧିନରେ ଥିବା କାଉଡୋଳା ପଞ୍ଚାୟତର ଧୁଙ୍ଗିଆଡିହି (ଖାଲେପାରା) ଗ୍ରାମ ନିକଟ ଦେଇ ଯାଇଥିବା ଭାରତମାଳା ରାସ୍ତା କଡ଼ରେ ପ୍ରାୟ ୭ ଏକର ଜଙ୍ଗଲ ଓ ସରକାରୀ ଜମିରେ ଲାଗିଥିବା ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଗଞ୍ଜେଇ ଗଛକୁ ନଷ୍ଟ କରାଯାଇଛି। ଉକ୍ତ ଜମିରେ ମକା ଗଛ ଓ ପନିପରିବା ଚାଷ ଦୀର୍ଘ ଦିନରୁ ହୋଇ ଆସୁଥିବା ଦେଖିବାକୁ ମିଳିଥିଲା। କିନ୍ତୁ କିଛି ବ୍ୟକ୍ତି ତା' ମଧ୍ୟରେ ଗଞ୍ଜେଇ ଗଛ ଲଗାଇଥିବା ନେଇ କୌଣସି ସୂତ୍ରରୁ ନବରଙ୍ଗପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମାଙ୍କୁ ଖବର ମିଳିଥିଲା।



ଏହାପରେ ତାଙ୍କ ନିର୍ଦ୍ଦେଶକ୍ରମେ ମାଜିଷ୍ଟ୍ରେଟ ଭାବେ ରାଇଘର ତହସିଲଦାର ଜନ୍ମେଜୟ ବେହେରା, ଉମରକୋଟ ଉପଖଣ୍ଡ ପୁଲିସ ଅଧିକାରୀ ମଧୁଶିକ୍ତା ମିଶ୍ର, କୁନ୍ଦେଇ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସେଠୀ, ଆଇଆରବି ଏନଓଡିଭିଏଫ୍ ଫୋର୍ସ ମିଳିତ ଭାବେ ଉକ୍ତ ସ୍ଥାନରେ ଚଢ଼ଉ କରି ପ୍ରାୟ ୭ ଏକର ଜମିରୁ ଲାଗିଥିବା ୧୦ ହଜାରରୁ ଊର୍ଦ୍ଧ୍ୱ ଗଛ ଉପାଡ଼ିବା ସହ ପେଟ୍ରୋଲ ଢାଳି ନିଆଁ ଲଗାଇ ନଷ୍ଟ କରିଥିଲେ। ସେଠାରେ କିଏ ଏତେ ପରିମାଣର ଗଞ୍ଜେଇ ଗଛ ଲଗାଇଥିଲା ତାହା ଜଣାପଡ଼ି ନ ଥିବାବେଳେ କାହାରିକୁ ଗିରଫ କରାଯାଇ ନ ଥିବା ଜଣାପଡ଼ିଛି। ନଷ୍ଟ କରାଯାଇଥିବା ଗଞ୍ଜେଇର ମୂଲ୍ୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ରାଇଘର ଥାନା ଅଧିକାରୀ ପ୍ରଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି। ଛତିଶଗଡ଼ ସୀମା ପର୍ଯ୍ୟନ୍ତ ଲାଗିଥିବା ଏହି ଅଞ୍ଚଳରେ ଅନ୍ୟ ସ୍ଥାନରେ ମଧ୍ୟ ଏଭଳି ଗଞ୍ଜେଇ ଚାଷ କରାଯାଇଥିବା ସମ୍ଭାବନାକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଥିବାବେଳେ ଚଳିତ ମାସରେ ଏହା ଦ୍ୱିତୀୟ ଘଟଣା ବୋଲି ଜଣାପଡ଼ିଛି। କୁନ୍ଦେଇ ଥାନା ପକ୍ଷରୁ ଏକ ମାମଲା(୨୦/୨୪) ରୁଜୁ କରାଯିବା ସହ ଅଧିକ ତଦନ୍ତ ଜାରି ରହିଥିବା କୁହାଯାଇଛି।




# ବେଆଇନ୍ ବାଲିବୋଝେଇ ୭ ଟ୍ରାକ୍ଟର ଜବତ

**ରାୟଗଡ଼ା,୨୭।୧(ସମିସ):** ବେଆଇନ୍ ଭାବେ ଟ୍ରାକ୍ଟର ଯୋଗେ ବାଲି ଚାଲାଣ କରାଯାଉଥିବା ସମୟରେ ରାୟଗଡ଼ା ସହର ତଥା ଏହାର ଉପକଣ୍ଠ ଅଞ୍ଚଳର ବିଭିନ୍ନ ସ୍ଥାନରୁ ୭ଟି ଟ୍ରାକ୍ଟରକୁ ଜବତ କରି ଟ୍ରାକ୍ଟର ପିଛା ୨୦ହଜାର ଟଙ୍କା ଲେଖାଏଁ ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ରାୟଗଡ଼ା ଅତିରିକ୍ତ ତହସିଲଦାର ପର୍ଶୁରାମ ଭତ୍ରା। ଶନିବାର ସକାଳେ ରାୟଗଡ଼ା ତହସିଲ ଅନ୍ତର୍ଗତ ନାଗାବଳୀ ନଦୀ ଅବବାହିକାରେ ଥିବା ଜଗନ୍ନାଥପୁର, ବେହେରାଗୁଡା, କୁମତଲପେଟା, କୋତୁରୁ ଆଦି ବାଲିପଟାରୁ ବେଆଇନ୍ ଭାବେ ବାଲିକୁ ଟ୍ରାକ୍ଟର ଯୋଗେ ଅଣାଯାଉଥିବାବେଳେ ଅତିରିକ୍ତ ତହସିଲଦାର ଶ୍ରୀ ଭତ୍ରାଙ୍କ ନେତୃତ୍ୱରେ ଉକ୍ତ ସ୍ଥାନଗୁଡ଼ିକରୁ



୭ଟି ବାଲିବୋଝେଇ ଟ୍ରାକ୍ଟରକୁ ଜବତ କରାଯାଇଥିଲା। ଜବତ ସ୍ଥାନରେ ଟ୍ରାକ୍ଟର ଡ୍ରାଇଭରମାନେ ବିନା ୱାଇଫର୍ମରେ ବାଲି ନେଉଥିବା ଜଣାପଡ଼ିବା ପରେ ସମସ୍ତ ଟ୍ରାକ୍ଟରକୁ ରାୟଗଡ଼ା ତହସିଲ କାର୍ଯ୍ୟାଳୟକୁ ଅଣାଯାଇ ଅଟକ ରଖାଯାଇଥିଲା। ପରେ ଟ୍ରାକ୍ଟର ମାଲିକମାନେ ପହଞ୍ଚି ଆଲୋଚନା କରିଥିବାବେଳେ ଅତିରିକ୍ତ ତହସିଲଦାର ଶ୍ରୀ ଭତ୍ରା ଟ୍ରାକ୍ଟର ପିଛା ୨୦ହଜାର ଟଙ୍କା ଲେଖାଏଁ ଜରିମାନା ଦେଇ ନିଜ ନିଜ ଗାଡ଼ି ନେବାକୁ ମାଲିକଙ୍କୁ କହି ଚାଲିଯାଇଥିଲେ। ଅତିରିକ୍ତ ତହସିଲଦାରଙ୍କ ନିର୍ଦ୍ଦେଶକୁ ନେଇ ଟ୍ରାକ୍ଟର ମାଲିକମାନେ ଅସନ୍ତୋଷ ପ୍ରକାଶ କରିବା ସହ ଘଟଣା ସମ୍ପର୍କରେ ତହସିଲଦାରଙ୍କୁ ଅବଗତ କରାଇଥିଲେ। ତେବେ ଅତିରିକ୍ତ ତହସିଲଦାର ସରକାରୀ ନିୟମ ପ୍ରକାରେ ଜରିମାନା ଜମା ଦେବାକୁ କହିଥିବାରୁ ତାହା ହିଁ ତାଙ୍କର ନିଷ୍ପତ୍ତି ବୋଲି କହିଥିଲେ। ତେବେ ରାୟଗଡ଼ା ତହସିଲ ଅନ୍ତର୍ଗତରେ ଥିବା ବିଭିନ୍ନ ବାଲିଘାଟରେ ୱାଇଫର୍ମ ନ ଥିବା କହି ଲିଜଧାରୀମାନେ ଟ୍ରାକ୍ଟର ମାଲିକଙ୍କୁ କହୁଥିବାବେଳେ ଗୋଟିଏ ଟ୍ରାକ୍ଟର ଉପରେ ଜଣେ ଡ୍ରାଇଭର, ହେଲପର, ଶ୍ରମିକ ଓ ମାଲିକଙ୍କ ପରିବାର ନିର୍ଭର କରି ଚଳୁଛନ୍ତି। ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଗୃହ ନିର୍ମାଣଠାରୁ ଆରମ୍ଭ କରି ସମସ୍ତ ସରକାରୀ ଓ ବେସରକାରୀ ନିର୍ମାଣ କାର୍ଯ୍ୟ ନିମନ୍ତେ ବାଲିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଟ୍ରାକ୍ଟର ମାଲିକମାନେ ବାଲି ଯୋଗାଉଥିବାବେଳେ ଲିଜଧାରୀମାନେ ୱାଇଫର୍ମ ନ ଦେବା ଏବଂ ରାୟଗଡ଼ା ସହରରୁ ଅନେକ ଦୂରତାରେ ଥିବା ବାଲିଘାଟରୁ ବାଲି ଆଣି ଗ୍ରାହକଙ୍କୁ ଯୋଗାଇବାରେ କୌଣସି ପ୍ରକାର ଲାଭ ରହୁ ନ ଥିବାରୁ ବାଧ୍ୟ ହୋଇ ଟ୍ରାକ୍ଟର ମାଲିକମାନେ ନିକଟସ୍ଥ ନାଗାବଳୀ ନଦୀ ତଟରୁ ବାଲି ଉଠାଇ ଆଣୁଥିବା ପ୍ରକାଶ କରିଛନ୍ତି। ଲିଜଧାରୀମାନେ ବାଲିଘାଟରେ ୱାଇଫର୍ମ ପ୍ରଦାନ କଲେ ନିୟମାନୁଯାୟୀ ବାଲି ଆଣିବାକୁ ଟ୍ରାକ୍ଟର ମାଲିକମାନେ ପ୍ରସ୍ତୁତ ରହିଥିବାବେଳେ ତହସିଲ କିମ୍ବା ଓଡ଼ିଶା ମାଇନିଂ ନିଗମ ସଂସ୍ଥା ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଅନେକ ସମୟରେ ମୋଟା ଅଙ୍କର ଜରିମାନା ଦେବାକୁ ପଡୁଛି ବୋଲି ମଧ୍ୟ କହିଛନ୍ତି।






## ବିଦ୍ୟୁତ୍ ବକେୟା ପଇଠ କରି ନ ହେବାରୁ କଟିଲା ବିଦ୍ୟୁତ୍

# ପାନୀୟଜଳ କଷ୍ଟ ଭୋଗୁଛନ୍ତି ଏମଭି ୮୦ ଗ୍ରାମବାସୀ

ଏମଭି ୭୯,(ସମିସ)୨୭।୧



ରାଜ୍ୟ ସରକାରଙ୍କ ପକ୍ଷରୁ ଲୋକଙ୍କୁ ସ୍ୱଚ୍ଛ ଜଳ ଯୋଗାଇବା ପାଇଁ ଅନେକ ଯୋଜନା କରାଯାଇଥିବାବେଳେ ଲୋକେ ଏହାର ବେଶ୍ ସୁବିଧା ମଧ୍ୟ ପାଉଛନ୍ତି। ତେବେ ସ୍ଥାନୀୟ ଅଧିକାରୀଙ୍କ ଅବହେଳା ପାଇଁ ବର୍ତ୍ତମାନ ଯୋଜନା ସତ୍ତ୍ୱେ ଲୋକେ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏଭଳି ଏକ ଅଭିଯୋଗ ଆସିଛି ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି ୮୦ ଗ୍ରାମରୁ। ବକେୟା ବିଦ୍ୟୁତ୍ ବିଲ୍ ନ ଦେବାରୁ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। ଫଳରେ ଲୋକେ ପାଣି ପାଇଁ ନାନା ହନ୍ତସନ୍ତ ହେଉଛନ୍ତି।

ସୂଚନା ଥାଉକି, 'ବସୁଧା' ଯୋଜନାରେ ଏହି ଗ୍ରାମରେ ଏକ ପାନୀୟଜଳ ବ୍ୟବସ୍ଥା କରାଯାଇଥିବାବେଳେ ଏବେ ଏହି ଯୋଜନା ଥାଇ ମଧ୍ୟ ଏକ ସପ୍ତାହ ଧରି ପାନୀୟଜଳ ପାଇବାରୁ ବଞ୍ଚିତ ଅଛନ୍ତି ଏମଭି ୮୦ ଗ୍ରାମବାସୀ। ଲୁଗେଲ ପଞ୍ଚାୟତ ଅନ୍ତର୍ଗତ ଏହି ଏମଭି ୮୦ ଗ୍ରାମରେ ପାନୀୟଜଳର ସମସ୍ୟା ଦେଖା ଦେଇଥିବାବେଳେ ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଏମଭି ୮୦ ଗ୍ରାମରେ ଥିବା ବସୁଧା ଯୋଜନାରେ ବକେୟା ବିଦ୍ୟୁତ ବିଲ ପଇଠ ନ ହେବାରୁ ଆଜକୁ ଏକ ସପ୍ତାହ ଧରି ପାନୀୟଜଳର କଷ୍ଟ ଭୋଗୁଛନ୍ତି ଗ୍ରାମବାସୀ। ଏ ନେଇ ପଞ୍ଚାୟତ ଅଧିକାରୀଙ୍କୁ ପଚାରିବାରୁ ପଞ୍ଚାୟତ ସହ ଗ୍ରାମବାସୀ ମିଶି ବିଦ୍ୟୁତ ଦେୟ ପଇଠ କରିବା କଥା। କିନ୍ତୁ ସମସ୍ତ ଦେୟକୁ ପଞ୍ଚାୟତ ଉପରେ ଠେଲିଦେଲେ କିଭଳି ହେବ ବୋଲି ସେ ପାଲଟା ଅଭିଯୋଗ କରିଛନ୍ତି। ତେବେ ବସୁଧା ଯୋଜନାର ଆସିଥିବା ବିଦ୍ୟୁତ ବିଲ ବର୍ତ୍ତମାନ କିଏ ପଇଠ କରିବା ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଥିବାବେଳେ, ଏହା ପଞ୍ଚାୟତର ତେଣୁ ଏହା ପଞ୍ଚାୟତ ହିଁ ପଇଠ କରିବା କଥା। ପଞ୍ଚାୟତ ପାଣ୍ଠିରେ ଲକ୍ଷ ଲକ୍ଷ ଟଙ୍କା ରହି ମଧ୍ୟ କେଉଁ କାରଣରୁ ଏହି ବକେୟା ବିଦ୍ୟୁତ ଦେୟ ପଇଠ ହୋଇପାରିଲା ନାହିଁ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଏହିଭଳି ସ୍ଥିତିରେ ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଏନେଇ ତୁରନ୍ତ ଉଚିତ ପଦକ୍ଷେପ ଏବାକୁ ସାଧାରଣରେ ଦାବି ହୋଇଛି।

## ୨୦ କିଲୋମିଟର କାନ୍ଧରେ ବୁହା ହେଲା ଶବ



**ନନ୍ଦାହାଣ୍ଡି,୨୭।୧(ସମିସ):** ମିଳିଲାନି ଆମ୍ବୁଲାନ୍ସ। ସମ୍ପର୍କୀୟ ବାରମ୍ବାର ଆମ୍ବୁଲାନ୍ସକୁ ଫୋନ୍ ଯୋଗେଡାକିଥିଲେମଧ୍ୟଆମ୍ବୁଲାନ୍ସନଆସିବାରୁଓଅର୍ଥଅଭାବରୁବାଧହୋଇ୨୦କିଲୋମିଟର ଶବକୁ ଭାରରେ ବୋହି ଆଣିଲେ ସମ୍ପର୍କୀୟ ଓ ବନ୍ଧୁବାନ୍ଧବ। ଏଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ ଜଗନ୍ନାଥପୁର ପଞ୍ଚାୟତ ଅନ୍ତର୍ଗତ ଫୁପୁଗାଁ ଗ୍ରାମରେ।

ଘଟଣା ଅନୁଯାୟୀ, କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ୍ ଅନ୍ତର୍ଗତ କୁମଲି ଗ୍ରାମପଞ୍ଚାୟତ ନିକଟ ପୂର୍ଣ୍ଣିଗୁଡ଼ା ଗ୍ରାମର କରୁଣା ଅମନାତ୍ୟ, ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଫୁପୁଗାଁର ଅଭି ଅମନାତ୍ୟଙ୍କୁ ବିବାହ କରିଥିଲେ। ବିବାହ ପରେ ତାଙ୍କର ଗୋଟିଏ ପୁଅ ଓ ଦୁଇଟି ଝିଅ ରହିଛନ୍ତି। ତେବେ ସାନ ଝିଅ ଜନ୍ମ ହୋଇ ୩ ମାସ ହୋଇଥିବାରୁ କରୁଣା ଅମନାତ୍ୟ ତାଙ୍କ ବାପାଙ୍କ ଘର ପୂର୍ଣ୍ଣିଗୁଡ଼ାକୁ ଯାଇଥିଲେ। ସେଠାରେ ତାଙ୍କର ଦେହାନ୍ତ ଶୁକ୍ରବାର ରାତିରେ ହୋଇଥିଲା। ତେବେ ସେଠାରେ ଅନେକ କସରତ ପରେ ମଧ୍ୟ ସରକାରୀ ଗାଡ଼ି କି କୌଣସି ସରକାରୀ ସାହାଯ୍ୟ ସୁବିଧା ମିଳି ନ ଥିଲା। ସେମାନେ ଗରିବ ଶ୍ରେଣୀର ହୋଇଥିବାରୁ ଅର୍ଥାଭାବରୁ କୌଣସି ଗାଡ଼ିର ବ୍ୟବସ୍ଥା କରିପାରି ନ ଥିଲେ। ଫଳରେ ତାଙ୍କ ସମ୍ପର୍କୀୟମାନେ କୌଣସି ଉପାୟ ନ ପାଇ ପ୍ରାୟ ୨୦ କିଲୋମିଟର ଖଟିଆରେ ବୋହି କି ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ୍ ଜଗନ୍ନାଥପୁର ପଞ୍ଚାୟତର ଫୁପୁଗାଁ ଗ୍ରାମକୁ ଆଣି ଶବ ସତ୍କାର କରିଥିଲେ। ଯାହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅଚିହ୍ନା ବ୍ୟକ୍ତି ଉଦ୍ଧାର

**ରାମନାଗୁଡ଼ା,୨୭।୧(ସମିସ):** ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ଥାନା ଅନ୍ତର୍ଗତ ୩୨୬ ନମ୍ବର ଜାତୀୟ ରାଜପଥ ସଦର ମହକୁମାଠାରୁ ଦେଉଲା ଯିବା ରାସ୍ତାରେ ମୁଖ୍ୟ ରାସ୍ତାଠାରୁ ପ୍ରାୟ ୨୦୦ ମିଟର ଦୂରତା ପାଖାପାଖି ପମ୍ପ ହାଉସ ନିକଟରୁ ଶନିବାର ଜଣେ ଅଜଣା ବ୍ୟକ୍ତିଙ୍କୁ ରକ୍ତ ଜୁଡୁବୁଡୁ ଆବସ୍ଥାରେ ଉଦ୍ଧାର କରାଯାଇଛି। ସକାଳୁ ଜଳଯୋଗାଣ କରିବା ନିମନ୍ତେ ଗ୍ରାମ୍ୟ ଜଳଯୋଗାଣ ବିଭାଗର କର୍ମଚାରୀ ଜଣକ ସେହି ରାସ୍ତା ଦେଇ ଯାଉଥିବା ସମୟରେ ପମ୍ପ ହାଉସ ନିକଟ ରାସ୍ତା କଡ଼ରେ ଏକ ଅଜଣା ବ୍ୟକ୍ତି ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ଥାନାକୁ ଖବର ଦେଇଥିଲେ। ପରେ ସ୍ଥାନୀୟ ଲୋକ ଏବଂ ଥାନା କର୍ମଚାରୀଙ୍କ ସହଯୋଗରେ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସୁତାପା ସ୍ୱାଇଁ ପ୍ରାଥମିକ ଚିକିତ୍ସା ପରେ ଚିକିତ୍ସାରେ କିଛି ଉନ୍ନତି ଦେଖା ନ ଦେବାରୁ ସେହି ଅଜଣା ବ୍ୟକ୍ତିର ଚେତା ନ ଫେରିବାରୁ ଅଧିକ ଚିକିତ୍ସା ନିମନ୍ତେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିବା ଜଣାପଡ଼ିଛି।

## ବ୍ଲକ୍‌ସ୍ତରୀୟ ଲୋକକଳା କଳାକାରଙ୍କ କର୍ମଶାଳା ଶିବିର

**କଲ୍ୟାଣସିଂହପୁର, ୨୭।୧(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ କାର୍ଯ୍ୟାଳୟ ସଭାଗୃହଠାରେ ବ୍ଲକସ୍ତରୀୟ ଲୋକକଳା କଳାକାରଙ୍କ ଦ୍ୱିତୀୟ ପର୍ଯ୍ୟାୟ କର୍ମଶାଳା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ସରକାରଙ୍କ ୧୫ଟି ଜନହିତକର ଯୋଜନା ଯେମିତିକି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମଧୁବାବୁ ପେନସନ ଯୋଜନା, ମମତା ଯୋଜନା, ମିଶନ ଶକ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଯୋଜନା, ଫସଲ ବୀମା ଯୋଜନା, ଫସଲ ଋଣ ସୁଧ ରିଆତି, ଆମ ହସ୍ପିଟାଲ, କ୍ରୀଡ଼ା, ଆମ ଓଡ଼ିଶା ନବୀନ ଓଡ଼ିଶା, '୫-ଟି' ହାଇସ୍କୁଲ୍ ରୂପାନ୍ତରଣ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ଆମ ବ୍ୟାଙ୍କ, ଆମ ଐତିହ୍ୟ, ଲକ୍ଷ୍ମୀ ବସ୍ ପରି ଯୋଜନାକୁ ନେଇ ଲୋକକଳା କଳାକାରଙ୍କ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ରହିଥିବା ଜଣାପଡ଼ିଛି। କଲ୍ୟାଣସିଂହପୁର ବ୍ଲକ୍ ତଥା ରାୟଗଡ଼ା ଜିଲ୍ଲା କଳା ସଂସ୍କୃତି ସଂଘ ଉପସଭାପତି ସନ୍ତୋଷ କୁମାର ବଚ୍ଛା, ଜିଲ୍ଲା ସଂଶାଧନ କର୍ମୀ ତଥା ବରିଷ୍ଠ କଳାକାର ଗଗନ ବିହାରୀ ସ୍ୱାଇଁ, ଜିପିଓ ସ୍ୱତାମ୍ବର ପ୍ରଧାନୀ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ବିଶ୍ୱଜିତ୍ ସିଂହସାମନ୍ତ ମଞ୍ଚାସିନ ଥିଲେ। ବ୍ଲକ୍ ସାମାଜିକ ସୁରକ୍ଷା ବିଭାଗର ଜୁନିଅର୍ ଆସିଷ୍ଟାଣ୍ଟ ଦୟାନିଧି ବାତ୍ରା ପରିଚାଳନା କରିଥିଲେ।

## ଆଦିବାସୀ କ୍ରୀଡ଼ା ଓ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

**କୋଷାଗୁମୁଡ଼ା,୨୭।୧(ସମିସ):** ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ୍ ସଦର ମହକୁମାର ଲକ୍ଷ୍ମଣ ନାୟକ ଖେଳ ପଡ଼ିଆରେ ବ୍ଲକସ୍ତରୀୟ ଆଦିବାସୀ କ୍ରୀଡ଼ା ଓ ସାଂସ୍କୃତିକ ମହୋତ୍ସବ ଉଦଯାପିତ ହୋଇଯାଇଛି। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଫଳକ ପ୍ରଦାନ ସହ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାରୀ କରିଥିବା ପ୍ରତିଯୋଗୀଙ୍କୁ କିଛି ଅର୍ଥ ପ୍ରଦାନ କରାଯାଇଛି ବୋଲି କୋଷାଗୁମୁଡ଼ା ଡବ୍ଲୁଇଓ ରଞ୍ଜନ ମହାନନ୍ଦ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଚେୟାରମ୍ୟାନ୍ ସର୍ବେଶ୍ୱରୀ ମାଝୀ, ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ରାଜ୍ୟ ସାଂସଦ ପ୍ରତିନିଧି ବଦ୍ରିନାରାୟଣ ସିଂ, ବିଡିଓ ଆଶିଷ ତ୍ରିପାଠୀ,



ଡବ୍ଲୁଓ ରଞ୍ଜନ ମହାନନ୍ଦ, ସ୍ଥାନୀୟ ସରପଞ୍ଚ ଡାଲିମ୍ବ ମାଝୀ, ତ୍ରିଲୋଚନ ଧାକୋଡ଼ ମଞ୍ଚାସୀନ ଥିବାବେଳେ ମଞ୍ଚ ପରିଚାଳନା ଏଏଫଓ ଗିରିଜା ଶଙ୍କର ପଟ୍ଟନାୟକ ଏବଂ ଜ୍ୟୋତି ପ୍ରକାଶ ଜଗଦ୍ଦେବ କରିଥିଲେ। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଏଡିଡବ୍ଲୁଓ ସତ୍ୟବ୍ରତ ବେହେରା, କର୍ଚମାଲ କଲେଜ ଅଧ୍ୟକ୍ଷ ସନ୍ତୋଷ କୁମାର ଷଡ଼ଙ୍ଗୀ, ବିଜେଡି କର୍ମୀ ଈଶ୍ୱର ପୂଜାରୀ ସହ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ଓ ଶିକ୍ଷା ବିଭାଗ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୮ଟି ଖେଳର ପ୍ରତିଯୋଗିତାରେ ବ୍ଲକର ୨୬ଟି ପଞ୍ଚାୟତର ପ୍ରାୟ ୩୭୭ଜଣ ଖେଳାଳି ଭାଗ ନେଇଥିଲେ। କୃତିତ୍ୱ ହାସଲ କରିଥିବା କ୍ରିକେଟରେ ପଣ୍ଡୁଗୁଡ଼ା, ନୃତ୍ୟରେ ମାଝୀଧନୁଆ ପଞ୍ଚାୟତ, ଭଲିବଲରେ ବାମୁଣି ପଞ୍ଚାୟତ, କବାଡିରେ ବଡ଼ ଆମ୍ବଡ଼ା ପଞ୍ଚାୟତ, ଫୁଟବଲରେ ସନ୍ତୋଷପୁର ପ୍ରଥମ ହୋଇ ଜିଲ୍ଲାସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି ବୋଲି ଆୟୋଜକ କମିଟି ସଦସ୍ୟ ସୂଚନା ଦେଇଛନ୍ତି।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ଗୁଡ଼ାରୀ,୨୭।୧(ସମିସ):** ଗୁଡ଼ାରୀ ସରକାରୀ (ଏସଏସଡି) ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ ଗମାଙ୍ଗଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ବିଏସକେୱାଇ ଉପଦେଷ୍ଟା ସୁଧିର ଦାସ, ସମ୍ମାନୀୟ ଅତିଥି ଭାବେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ ଯୋଗଦେଇଥିଲେ। ଅନ୍ୟତମ ଅତିଥି ରୂପେ ଗୁଡ଼ାରୀ ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀ ଶବର, ନଗର ଅଧ୍ୟକ୍ଷା ସରମିତ ଶବର, ଗୁଡ଼ାରୀ ଏନଏସି ଭାଇସ ଚେୟାରମ୍ୟାନ ଡି.ଓଗେଷା ମଞ୍ଚାସୀନ ଥିଲେ। ବିଦ୍ୟାଳୟର ତରଫରୁ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବରେ ଗୁଡ଼ାରୀ ଆୟୁକ୍ତ ବିଜେଡି ଉପସଭାପତି କେଦାର ସାହୁ, ବିଜେଡି ଜିଲ୍ଲା ସମ୍ପାଦକ ଏମ.ପ୍ରସାଦ ବାବୁ, ବିଜେଡି ସାଧାରଣ ସମ୍ପାଦକ ସୁବାଷ ଗୌଡ଼ ଉପସ୍ଥିତ ଥିଲେ। ବିଧାୟକ ରଘୁନାଥ ଗମାଙ୍ଗ ଏବଂ ଶ୍ରୀ ଦାସ ସମସ୍ତ ଅତିଥିମାନଙ୍କ ଉପସ୍ଥିତିରେ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଶ୍ରୀ ଦାସ ଛାତ୍ରଛାତ୍ରୀଙ୍କୁ ଭଲ ପାଠ ପଢ଼ିବା ସହିତ ସମାଜର ଉନ୍ନତି ପାଇଁ କାମକଲେ ସମ୍ମାନିତ ହୋଇପାରିବେ ବୋଲି କହିଥିଲେ। ବିଧାୟକ ଶ୍ରୀ ଗମାଙ୍ଗ ମଧ୍ୟ ଛାତ୍ରୀମାନଙ୍କୁ ଶିକ୍ଷା ହିଁ ଦେଶରେ ଏବଂ ରାଜ୍ୟରେ ସମ୍ମାନୀତ କରିପାରିବ ବୋଲି ନିଜ ମତ ପ୍ରକାଶ କରିଥିଲେ। ପରେ କ୍ରୀଡ଼ାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ସମାରୋହରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ରତ୍ନାକର ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

## ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା ଶିବିର



**କଲ୍ୟାଣସିଂହପୁର, ୨୭।୧(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ସଦର ପଞ୍ଚାୟତର ରଥ ପଡ଼ିଆଠାରେ ପଞ୍ଚାୟତସ୍ତରୀୟ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ରାଜୀବ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ଅମ୍ରିତା କାଡ୍ରାକା ଯୋଗଦେଇଥିଲେ। ଅତିଥି ଭାବେ ବ୍ଲକ୍ ଉପାଧ୍ୟକ୍ଷ ଡମ୍ବରୁ କଞ୍ଚାକା, କ' ଜୋନ୍ର ଜିଲ୍ଲା ପରିଷଦ ସଦସ୍ୟ ବି. ୱାରା ପ୍ରସାଦ ରାଓ, ଖ' ଜୋନର ଜିଲ୍ଲା ପରିଷଦ ସଦସ୍ୟଙ୍କ ସ୍ୱାମୀ ଭୋମି ମାଧବ ରାଓ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ସେଠୀ, ଜିଲ୍ଲା କଳା ଓ ସଂସ୍କୃତି ବିଭାଗର ଜିଲ୍ଲା ଉପସଭାପତି ସନ୍ତୋଷ କୁମାର ବଚ୍ଛା, ସମିତିସଭ୍ୟା ମିନାକା ପଦ୍ମା, ଗୌତମ ବାର୍ଲି ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ। 'ଆମ ଓଡ଼ିଶା, ନବୀନ ଓଡ଼ିଶା' ୧୩ଟି ପ୍ରକଳ୍ପ ପାଇଁ ୫୦ ଲକ୍ଷ ଟଙ୍କା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୧୫୮୪ ପରିବାରକୁ ଅନ୍ତର୍ଭୁକ୍ତ କରିଥିବାବେଳେ ୫ ହିତାଧିକାରୀ ଉପକୃତ, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୬ଟି ପ୍ରକଳ୍ପ ପାଇଁ ୪୨ ଲକ୍ଷ, ୭୮ପରିବାରକୁ 'କାଳିଆ' ଯୋଜନାରେ ଅନ୍ତର୍ଭୁକ୍ତ, ୫୯୯ ଜଣ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା, ୭୩ଟି ମିଶନ ଶକ୍ତି ଗୋଷ୍ଠୀଙ୍କୁ ୨୩୩ ଲକ୍ଷ ଟଙ୍କାର ବିନା ସୁଧରେ ମିଶନ ଶକ୍ତି ସହାୟତାରେ ଋଣ ପ୍ରଦାନ, ୧୫୮୪ ପରିବାରକୁ ରାସନ କାର୍ଡ, ୧୯୦ ଗର୍ଭବତୀଙ୍କୁ 'ମମତା' ଯୋଜନାରେ ସହାୟତା, ଆମ ବ୍ୟାଙ୍କ, 'ଲକ୍ଷ୍ମୀ' ବସ୍ ଯୋଜନା, '୫-ଟି'ରେ ୩୯ଲକ୍ଷ ଟଙ୍କା ବିନିମୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ରୂପାନ୍ତରୀକରଣ, ସହାୟକ ଗୋଷ୍ଠୀ ଦ୍ୱାରା ବାଉଁଶ ହସ୍ତଶିଳ୍ପ, କୁକୁଡ଼ା ଓ ଛେଳି ଚାଷ, ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଡ୍ରୋନ୍ ମାଧ୍ୟମରେ ଔଷଧ ବଣ୍ଟନ, ସୌରଚାଳିତ ରାସ୍ତା ଆଲୋକୀକରଣ ଓ ପାନୀୟଜଳ ଯୋଗାଣ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତାରେ ମନ୍ଦିର ଉନ୍ନତିକରଣ, 'ବସୁଧା' ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଅଜୈବିକ ପୃଥକୀକରଣ କେନ୍ଦ୍ର ଓ ଆମ ବସ ଷ୍ଟପ, ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ସଡ଼କ ଯୋଜନା ବିଷୟରେ କହିବା ସହିତ ଭିଡିଓ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଏଥିରେ ୭ଟି ବିଭାଗ ପକ୍ଷରୁ ଷ୍ଟଲ କରାଯାଇଥିଲା। ସହକାରୀ ଯନ୍ତ୍ରୀ ସବ୍ୟସାଚୀ ନାୟକ, ପଞ୍ଚାୟତ ଅଧିକାରୀ ଗଗନ ବିହାରୀ ପାଲକା ସମେତ ବ୍ଲକ୍ ଓ ପଞ୍ଚାୟତ କର୍ମଚାରୀ ଉପସ୍ଥିତ ଥିଲେ।

## କସ୍ତୁରବା ଗାନ୍ଧୀ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବାଲିମେଲା,୨୭।୧(ସମିସ):** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସୋମନାଥପୁର ପଞ୍ଚାୟତ ଅନ୍ତର୍ଗତ କସ୍ତୁରବା ଗାନ୍ଧୀ ବିଦ୍ୟାଳୟରେ ୧୮ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଶନିବାର ଅପରାହ୍ନ ସମୟରେ ବିଦ୍ୟାଳୟ ପରିସର ମଧ୍ୟରେ ୧୮ତମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀ ମାନସ କୁମାର ଜେନା ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ କୋରୁକୋଣ୍ଡା ବ୍ଲକ ଅଧ୍ୟକ୍ଷ ଜିତୁ ବୁରୁଡ଼ି, ଜିଲ୍ଲା ପରିଷଦ ସଭ୍ୟ ମଙ୍ଗୁ ଖିଲ, ଜିଲ୍ଲା ବାଳିକା ସଂଯୋଜିକା ସମଗ୍ର ଶିକ୍ଷା ସକୁନ୍ତଳା ମାଝି, ଚିତ୍ରକୋଣ୍ଡା ଅତିରିକ୍ତ ଶିକ୍ଷା ଅଧିକାରୀ ଅଞ୍ଜନ ଚୌଧୁରୀ, ସୋମନାଥପୁର ସରପଞ୍ଚ ମଞ୍ଜୁଳା ଶୀଶା, ୱାର୍ଡ ସଭ୍ୟା କମଳା ଖିଲ, ସମିତିସଭ୍ୟ ଲଇଛନ ଶୀଶା, ବିଦ୍ୟାଳୟ ସଭାପତି ଡମ୍ବରୁଧର ରୁମୁଡ଼ା, ଉପସଭାପତି ସଞ୍ଜୁ ସ୍ୱାଇଁ ପ୍ରମୁଖ ଯୋଗଦେଇଥିବା ବେଳେ ସଭାପତି ଭାବରେ ଶିକ୍ଷକ ବସନ୍ତ କୁମାର ରଣା ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଶ୍ରୀ ଜଗନ୍ନାଥଙ୍କ ତୈଳଚିତ୍ରରେ ପୁଷ୍ପାଞ୍ଜଳି ଦେଇ ଶିଶୁମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ସଭା ଆରମ୍ଭରେ ପ୍ରଧାନଶିକ୍ଷୟିତ୍ରୀ ଟୁକୁରାଣୀ ଯୋଦାର ବିଦ୍ୟାଳୟ ବାର୍ଷିକ ବିବରଣୀ ପାଠ କରିଥିଲେ ଏହାପରେ ମୁଖ୍ୟବକ୍ତା ଶିକ୍ଷାର ମାନ ଉପରେ ଆଲୋକପାତ କରାଇବା ସହିତ ଶିକ୍ଷା ହେଉଛି ପ୍ରତ୍ୟେକ ମାନବ ଜାତି ପାଇଁ ଏକ ମୌଳିକ ସୁବିଧା ଯାହାକି ସମସ୍ତେ ଏହାର ଲାଭ ଉଠାଇବା ଉଚିତ। ସରକାର ବର୍ତ୍ତମାନ ଶିଶୁମାନଙ୍କ ଉତ୍ତମ ଶିକ୍ଷା ନିମନ୍ତେ ବହୁ ଯୋଜନା ଆରମ୍ଭ କଲେଣି ବୋଲି ଅବଗତ କରାଇଥିଲେ। ସଭା ଶେଷ ହେବାପରେ ଛାତ୍ରଛାତ୍ରୀମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ଶ୍ରୀକାନ୍ତ ପଣ୍ଡା।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ମୁନିଗୁଡ଼ା,୨୭।୧(ସମିସ):** ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ପ୍ରମାଣ ପତ୍ର ଯୋଗାଇ ଦେବା ପାଇଁ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମୁନିଗୁଡ଼ା ପଞ୍ଚାୟତ ସମିତି ପକ୍ଷରୁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମୁନିଗୁଡ଼ା ଗୋଷ୍ଠୀ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଥିବାବେଳେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ମୁନା ତାଡ଼ିଙ୍ଗଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରୀତମ କୁମାର ତନ୍ତୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ମୁନିଗୁଡ଼ା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଡାଲିମ୍ବ ନାୟକ, ଡିଏସଏସଓ ରାୟଗଡ଼ା ସୀମାଞ୍ଚଳ ମହାପାତ୍ର, ରାୟଗଡ଼ା ଭିନ୍ନକ୍ଷମ ମହାସଂଘ ସମ୍ପାଦକ ଅମରେନ୍ଦ୍ର ନାଥ, ଓ ସଭାପତି ଶିଶିର ରାହୁଲ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ସର୍ବମୋଟ ୧୨୦ ଜଣ ଭିନ୍ନକ୍ଷମ ପଞ୍ଜିକୃତ ହୋଇଥିବାବେଳେ ଭିନ୍ନକ୍ଷମମାନଙ୍କ ରୋଗ ଚିହ୍ନଟ କରିବା ଓ ପ୍ରମାଣ ପତ୍ର ଯୋଗାଇ ଦେବା ସହ ଦୁଇ ଜଣଙ୍କୁ ସିପି ଚେୟାର, ଜଣଙ୍କୁ ହୁଇଲଚେୟାର ଓ ଅନ୍ୟ ଜଣଙ୍କୁ ଟ୍ରାଇ ସାଇକଲ ଯୋଗାଇଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ବିଭାଗର ବିଶେଷଜ୍ଞମାନେ ଉପସ୍ଥିତ ରହିବା ସହ ଚକ୍ଷୁ ବିଶେଷଜ୍ଞ ଡା. ଏମ. ସୁରେଶ



କୁମାର, ଭେଷଜ ବିଶେଷଜ୍ଞ ଡା. ଏ. ଗୌରୀ ଶଙ୍କର, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଏଲ.କେ ସ୍ୱାମୀ, ଶିଶୁ ବିଶେଷଜ୍ଞ ଡା. ମମତା ଶତପଥୀ, ନାକ, କାନ ଓ ଗଳା ବିଭାଗୀୟ ବିଶେଷଜ୍ଞ ଡା. ସଂଘମିତ୍ରା ପାତ୍ର, ଡା. ସୁପ୍ରଭା ପଣ୍ଡା, ଫାର୍ମାସୀ ଅଧିକାରୀ ଜଗନ୍ନାଥ ନାୟକ ଉପସ୍ଥିତ ରହି ଶିବିରକୁ ଆସିଥିବା ଭିନ୍ନକ୍ଷମ ମାନଙ୍କୁ ଚିହ୍ନଟ କରି ପ୍ରମାଣ ପତ୍ର ଯୋଗାଇ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁନିଗୁଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତର ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବେହେରା, ମାଧବ ମହାନନ୍ଦିଆ, ମନୋରଞ୍ଜନ ବେହେରା, ରମେଶ ତୁଳ, ସୁନିଲ ଯାଦବ, ଦିନେଶ ଶବର, ପ୍ରଭାକର ନାଲା, କୈଳାସ ଚନ୍ଦ୍ର ପାତ୍ର, ଗଦାଧର ମିଶ୍ର, ସନ୍ୟାସୀ ଟାକ୍ରୀ ପ୍ରମୁଖଙ୍କ ସମେତ ଗ୍ରାମ ରୋଜଗାର ସେବକ କମଳା ଖୁଣ୍ଟିଆ, ରାଧା ନାଥ ଷଡ଼ଙ୍ଗୀ, ସୋନାଲି ବ୍ରହ୍ମା, ମଙ୍ଗୁଳି ପିଡ଼ିକାକା, ନବୀନ ହିଆଲ, ବଳରାମ ମିଶ୍ର, ଅଜିତ ନାଗ, ଭୈରବପ୍ରସାଦ ପାଣିଗ୍ରାହୀ, ଗଣେଶ ପୂଜାରୀ, ଗୋପାଳ କରକରିଆ, ମଧୁ ପାଲକିଆ, ରମାକାନ୍ତ ସୁନା, ପ୍ରଫୁଲ୍ଲ ହିଆଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ମୁନିଗୁଡ଼ା ବ୍ଲକ ସାମାଜିକ ସୁରକ୍ଷା ବିଭାଗ କିଆଣି କଳ୍ପନା ସାହୁ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସାମାଜିକ ସୁରକ୍ଷା ବିଭାଗର ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସୁରଜ କୁମାର ମଲ୍ଲିକ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ

# 'ଯୁବଗୋଷ୍ଠୀ ଭବିଷ୍ୟତ ପାଇଁ ବଡ଼ ଶକ୍ତି'

ମୁନିଗୁଡ଼ା,୨୭।୧(ସମିସ)



ଯୁବଗୋଷ୍ଠୀ ଭବିଷ୍ୟତ ପାଇଁ ବଡ଼ ଶକ୍ତି। ପାଠପଢ଼ା ସହିତ ବିଭିନ୍ନ ପ୍ରକାର କ୍ରୀଡ଼ା, ନୃତ୍ୟ, ସଙ୍ଗୀତ, ସାଂସ୍କୃତିକଭିତ୍ତିକ ପ୍ରବନ୍ଧ ପ୍ରତି ଥିବା ଉତ୍ସାହକୁ ଗୁରୁତ୍ୱ ଦେବା ସହ ଉତ୍ସାହୀମାନଙ୍କୁ ଆଗକୁ ନେବା ପାଇଁ 'ନୂଆ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅମ୍ବାଦଳା ସାମନ୍ତ ମହାବିଦ୍ୟାଳୟରେ ୮ ଦିନ ଧରି ଚାଲୁରହିଥିବାବେଳେ ଶୁକ୍ରବାର ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ 'ନୂଆ-ଓ' ଓଡ଼ିଆ ସାହିତ୍ୟ, ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା ହୋଇଥିଲା। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଗୋଲକ ବିହାରୀ ଘଡ଼େଇଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସମାଜସେବୀ ତଥା ପରିବେଶବିତ୍ ଗୌରାଙ୍ଗ ଚରଣ ରାଉତ ଉପସ୍ଥିତ ରହି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତି ଉପରେ ବୌଦ୍ଧିକ ଜ୍ଞାନ ପ୍ରଦାନ କରିଥିବାବେଳେ ମୁଖ୍ୟବକ୍ତା ଭାବରେ ମା' ହୀରାନୀଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଡ. ଚିତ୍ତରଞ୍ଜନ ବାରିକ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଆମର ଦୈନନ୍ଦିନ ପାରିବାରିକ ସାମାଜିକ ଚଳଣିରେ ଆବଶ୍ୟକତା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରମେଶ ଚନ୍ଦ୍ର ସାମନ୍ତ, ଗୌର ମହାନ୍ତି, ଧୀରେନ୍ଦ୍ର ପାଣିଗ୍ରାହୀ, ଏ.ଜଗନ୍ନାଥ ଆଚାରି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ଭାବରେ ସାହିତ୍ୟିକ, ଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାରକ ବରିଷ୍ଠ ଶିକ୍ଷକ ବିଜୟ ମିଶ୍ର, ଅକ୍ଷୟ କୁମାର ରଥ, ଅରୁଣ ସାହୁ ଯୋଗଦେଇ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରିବା ସହ ପ୍ରଭୁ ଶ୍ରୀଜଗନ୍ନାଥ ଭାବ ଓ ଭକ୍ତିର ଠାକୁର ବୋଲି କହିଥିଲେ। ଏହି ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଓଡ଼ିଆ ଲୋକନୃତ୍ୟ, ଓଡ଼ିଆ ଶାସ୍ତ୍ରୀୟ ନୃତ୍ୟ ଗୀତ, ଓଡ଼ିଆ କବିତା, ବକ୍ତୃତା ପ୍ରତିଯୋଗିତା, ଶ୍ରୀଜଗନ୍ନାଥଙ୍କ ଐତିହ୍ୟ ବିଷୟରେ ପାଠାଚକ୍ର, ଓଡ଼ିଆ ପାରମ୍ପରିକ ପିଠା ପ୍ରତିଯୋଗିତା ଭଳି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ପ୍ରାରମ୍ଭିକ ଭାଷଣ ଓ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଅଧ୍ୟାପକ ମନୋଜ କୁମାର ଦାସ ବର୍ଣ୍ଣନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ତପନ କୁମାର ସାହୁ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ପରିଚାଳନା କରିଥିବାବେଳେ ଅଧ୍ୟାପକ ଉମେଶ ଚନ୍ଦ୍ର ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ରମଣୀ ରଞ୍ଜନ ଜେନା, ସୁରେଶନ ପ୍ରଧାନ, ଧର୍ମୁ ମହାନନ୍ଦ, ରଘୁନାଥ ବଡ଼ ନାୟକ, ଶିବରାମ ପୂଜାରୀ, କୁମୁଟି ଚିରୁଆନ ପ୍ରମୁଖ ଉପସ୍ଥିତ ଥିଲେ।

## ୧୫ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ; ୨ ଗିରଫ



**ମାଲକାନଗିରି,୨୭।୧(ସମିସ):** ମାଲକାନଗିରି ଜିଲ୍ଲା ଅବକାରୀ ବିଭାଗ ଦ୍ୱାରା ପାଟ୍ରୋଲିଂ ବେଳେ ଦୁଇ ଗଞ୍ଜେଇ ଚାଲାଣକାରୀ ଗିରଫ ହେବା ସହ ସେମାନଙ୍କଠାରୁ ୧୫ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ କାଦବାହାଲ ଗ୍ରାମ ନିକଟରେ ଜିଲ୍ଲା ଅବକାରୀ ଅଧୀକ୍ଷକ ବିମ୍ବାଧର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ଗୋଟିଏ ମୋଟର ସାଇକଲ ଯୋଗେ ୨ ଜଣ ଯୁବକ ଏକ ବସ୍ତା ଧରି ମାଲକାନଗିରିରୁ ଚିତ୍ରକୋଣ୍ଡା ଅଭିମୁଖେ ଯାଉଥିବାବେଳେ ସେମାନଙ୍କୁ ଯାଞ୍ଚ ପାଇଁ ଅଟକାଇ ଥିଲେ। ଯାଞ୍ଚବେଳେ ସେମାନଙ୍କ ନିକଟରେ ଥିବା ବସ୍ତା ମଧ୍ୟରେ ଗଞ୍ଜେଇ ରହିଥିବା ଦେଖି ତୁରନ୍ତ ଅବକାରୀ କର୍ମଚାରୀମାନେ ଉଭୟଙ୍କୁ ଗିରଫ କରିବା ସହ ଉକ୍ତ ଗଞ୍ଜେଇ ଓ ମୋଟର ସାଇକଲକୁ ଜବତ କରିଥିଲେ। ଜବତ ଗଞ୍ଜେଇକୁ ଓଜନ କରିବାରୁ ତାହା ୧୫ କେଜି ୫୦୦ ଗ୍ରାମ୍ ହୋଇଥିବା ଜଣାପଡ଼ିଛି। ଉଭୟ ଗିରଫ ଦୁଇଜଣ ହେଲେ ଓର୍କେଲ ଥାନା ଅନ୍ତର୍ଗତ ଶିରାଗୁଡ଼ା ଗ୍ରାମର ପିଣ୍ଟୁ କବାସୀ ଏବଂ ବବୁଲୁ କବାଡି ବୋଲି ଅବକାରୀ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଗିରଫ ଦୁଇଜଣଙ୍କୁ ଅବକାରୀ ବିଭାଗ ପକ୍ଷରୁ କୋର୍ଟ ଚାଲାଣ କରାଯାଇଛି।

## ନବ ନିର୍ମିତ ସ୍ୱାସ୍ଥ୍ୟ ବିଭାଗ ଗୃହ ଉଦ୍‌ଘାଟିତ

**ପଟାଙ୍ଗି,୨୭।୧(ସମସ):** କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ୍ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର ଗାଲିଗାବାଡାର ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରକୁ ସାଂସଦ ସପ୍ତଗିରି ଉଲ୍ଲାକା ଏବଂ ପଟାଙ୍ଗି ବିଧାୟକ ପିତମ ପାଢ଼ି ଉଦଘାଟନ କରିଛନ୍ତି। ୪୬ ଲକ୍ଷ ଟଙ୍କା ଅନୁଦାନରେ ନିର୍ମିତ ହୋଇଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରକୁ ସାଧାରଣତନ୍ତ୍ର ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ସାଂସଦ ସପ୍ତଗିରି ଉଲ୍ଲାକା ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପଟାଙ୍ଗି ବିଧାୟକ ପିତମ ପାଢ଼ି ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ୍, ସିଡିଏମ୍ଓ କାହ୍ନୁ ଚରଣ ମହାପାତ୍ର, ବିଡିଓ ସୁକାନ୍ତ କୁମାର ପଟ୍ଟନାୟକ ଏବଂ ଡା. ସାନ୍ତନୁ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହାପରେ ସାଂସଦ ପାଣ୍ଠିରୁ ୩ ଲକ୍ଷ ଅନୁଦାନରେ ନିର୍ମାଣ ହୋଇଥିବା ସୁରକ୍ଷା ପାଚେରି ଏବଂ ଗାଙ୍ଗରାଜପୁର ଗ୍ରାମରେ ନିର୍ମାଣ ହୋଇଥିବା ଖେଳ ପଡ଼ିଆକୁ ସାଂସଦ ଶ୍ରୀ ଉଲ୍ଲାକା ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏଇଇ ବିଶ୍ୱନାଥ ମାଦାଲି, କନିଷ୍ଠ ଯନ୍ତ୍ରୀ ଅଜୟ ରାମ ତରାଇ ଏବଂ ପିଇଓ ହରି ଶଙ୍କର ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଏହି ସମୟରେ ବ୍ଲକ ସଭାପତି ଅର୍ଜୁନ ବାଙ୍କା, ସେମିଳିଗୁଡ଼ା ବ୍ଲକ୍ ସଭାପତି ସନ୍ୟା ମାଝୀ, ସେବାଦଳ ଜିଲ୍ଲା ସହ ସଂଗଠକ ଗୋବିନ୍ଦ ଖରା, ସେମିଳିଗୁଡ଼ା ସାଂସଦ ପ୍ରତିନିଧି ଜଗତରାଏ ଖିନିବୁଡି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକ୍ରା ଖରା, ସମାଜସେବୀ ଖିଲ କାର୍ତ୍ତିକ, ପ୍ରଭାକର ସାହୁ, ଜଗନ୍ନାଥ ଗେମେଲ, ଦାମଦର ଗୁଣ୍ଡା ଏବଂ ଜଗତରାଏ ଖରା ପ୍ରମୁଖ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ତହସିଲଦାରଙ୍କ ଦ୍ୱାରା ଜମି ପଟ୍ଟା ବଣ୍ଟନ; ହିତାଧିକାରୀଙ୍କ ମୁହଁରେ ହସ



**ରାମନାଗୁଡ଼ା,୨୭।୧(ସମିସ):** ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ୍ ଅନ୍ତର୍ଗତ ଗୋଗୁପାଡୁ ପଞ୍ଚାୟତ ଅଧୀନସ୍ଥ କାଟିକିଠାରେ ରାମନାଗୁଡ଼ା ତହସିଲ କାର୍ଯ୍ୟାଳୟ ପକ୍ଷରୁ ମୋଟ ୩୧ଟି ଘର ଡିହ ପଟ୍ଟା ବଣ୍ଟନ କରାଯାଇଛି। ଫଳରେ ହିତାଧିକାରୀଙ୍କ ମୁହଁରେ ହସ ଫୁଟିଛି। କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗୋଗୁପାଡୁ ପଞ୍ଚାୟତର ଝର୍ଲିଙ୍ଗ ୮ ପରିବାର ଏବଂ କାଟିକିର ୨୩ ପରିବାର ଦୀର୍ଘ ବର୍ଷ ଧରି ସରକାରୀ ଜାଗାରେ ଚାଳ ଛପର ଘର ଖଣ୍ଡିକ ତିଆରି କରି ବସବାସ କରି ଆସୁଛନ୍ତି। ତେଣୁ ସେମାନଙ୍କୁ ସରକାରଙ୍କ ପକ୍ଷରୁ ଆବାସ ଯୋଜନାରେ ସାମିଲ କରାଯାଇ ପାରୁନାହିଁ। ସେମାନଙ୍କ ପାଖରେ ଘର ଡିହ ପଟ୍ଟା ନ ଥିବାରୁ ସ୍ଥାନୀୟ ତହସିଲଦାର ନିର୍ମଳ ଚନ୍ଦ୍ର ସାହୁ, ବିଜେଡି ନେତା କମଳ ମୁଟିକା, ୱାର୍ଡ ସଭ୍ୟଙ୍କ ଉଦ୍ୟମରେ ଶୁକ୍ରବାର ସେମାନଙ୍କୁ କାଟିକି ଗ୍ରାମରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ବସ୍ତି ପଟ୍ଟା ବଣ୍ଟନ କରାଯାଇଥିଲା। ଏହି ସମୟରେ ତହସିଲଦାର ନିର୍ମଳ ଚନ୍ଦ୍ର ସାହୁ, ଅତିରିକ୍ତ ତହସିଲଦାର ଗୟା ଡମ୍ବରୁଧର ବେହେରା, ସେକ୍ସନ ଅଫିସର ବିଶ୍ୱନାଥ ମଣ୍ଡଳ, ସୁପରଭାଇଜର ଶିବାନନ୍ଦ ଦାସ, ବିଜେଡି ନେତା ତଥା ସୁଣ୍ଡି ଡାମୁଣି ସମିତିସଭ୍ୟ କମଳ ଲୋଚନ ମୁଟିକା, ଗୋଗୁପାଡୁ ରାଜସ୍ୱ ନିରୀକ୍ଷକ ଗାମ୍ବେଲି ଗୌତମି, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ବୈଦୁର୍ଯ୍ୟମଣି ଭୂୟାଁଙ୍କ ସମେତ ସ୍ଥାନୀୟ ୱାର୍ଡ ସଭ୍ୟ, ଗ୍ରାମବାସୀମାନେ ଉପସ୍ଥିତ ଥିଲେ।

## ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟରେ ଲୋକେ ହନ୍ତସନ୍ତ

**ତେନ୍ତୁଳିଖୁଣ୍ଟି,୨୭।୧(ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକରେ ଜାରି ରହିଥିବା ମେଗା ପ୍ରକଳ୍ପ କାର୍ଯ୍ୟ ସରିବାର ନା ନେଉନାହିଁ। ଠିକା ସଂସ୍ଥାର ବେପରୁଆ କାର୍ଯ୍ୟ ପାଇଁ ଲୋକେ ବିଭିନ୍ନ ସମୟରେ ସମସ୍ୟା ଭୋଗୁଥିବା ନଜରକୁ ଆସୁଛି। ଶନିବାର ଆଉଲିଗୁମା ଗ୍ରାମରେ ଗୋଟିଏ ପିକଅପ୍ ଭ୍ୟାନ୍ ରାସ୍ତା ମଝିରେ ଦବିଯିବାରୁ ଡ୍ରାଇଭରଙ୍କ ସମେତ ଲୋକେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ପାଇପ ପୋତିବା ପାଇଁ ସମ୍ପୃକ୍ତ ସଂସ୍ଥା ରାସ୍ତା ମଝିରେ ଗାତ ଖୋଳୁଛି। କିନ୍ତୁ କାମ ସାରିବା ପରେ ସାମାନ୍ୟ ହାଲୁକା ମାଟି ଘୋଡ଼ାଇ ଚାଲିଯାଉଥିବାରୁ ବିଭିନ୍ନ ସମୟରେ ଗାଡ଼ିଗୁଡ଼ିକ ରାସ୍ତା ମଝିରେ ଦବିଯାଇ ଯାତାୟାତ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସମ୍ପୃକ୍ତ ସଂସ୍ଥାର ବେପରୁଆ କାର୍ଯ୍ୟରେ ରୋକ ଲଗାଇ ରାସ୍ତାଗୁଡ଼ିକୁ ସଠିକ ମରାମତି କରିବା ପାଇଁ ଦାବି ହେଉଛି।

### କୋରାପୁଟ 'ସକାଳ' ପରିବାରର ଜିଲ୍ଲାସ୍ତରୀୟ ବନ୍ଧୁମିଳନ

# ସ୍ୱଳ୍ପ ଅବଧିରେ 'ସକାଳ' ଅଭିବୃଦ୍ଧି ଅବିଶ୍ୱସନୀୟ

**କୋରାପୁଟ,୨୭।୧(ସମିସ)**

କୋରାପୁଟ ଜିଲ୍ଲାର କୋଣ ଅନୁକୋଣରେ 'ସକାଳ' ଖବରକାଗଜର ଲୋକପ୍ରିୟତା ଶୀର୍ଷରେ ପହଞ୍ଚିଛି। ସ୍ୱଳ୍ପ ଅବଧିରେ 'ସକାଳ' ଅଭିବୃଦ୍ଧି ଅବିଶ୍ୱସନୀୟ ବୋଲି କୋରାପୁଟ 'ସକାଳ' ପରିବାରର ଜିଲ୍ଲାସ୍ତରୀୟ ବନ୍ଧୁମିଳନ ଉତ୍ସବରେ ମତ ପ୍ରକାଶ ପାଇଛି। ଏଥିପାଇଁ ସମସ୍ତେ ପରିଚାଳନା କର୍ତ୍ତୃପକ୍ଷଙ୍କ ସହଯୋଗ, ସାମ୍ବାଦିକ ଓ ଏଜେଣ୍ଟଙ୍କ ପରିଶ୍ରମକୁ ଶ୍ରେୟ ଦେଇଛନ୍ତି। ଉପର କୋଲାବ ଜଳ ବିଦ୍ୟୁତ ଉତ୍ପାଦନ ପ୍ରକଳ୍ପ ଡ୍ୟାମ୍ ସାଇଟ ପିକନିକ ସ୍ପଟରେ କୋରାପୁଟ ଜିଲ୍ଲା ସକାଳ ପରିବାରର ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲ୍ଲା ପ୍ରତିନିଧି ସୁବୋଧ କୁମାର ଚେଟ୍ଟିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜୟପୁର ସଂସ୍କରଣ ମୁଖ୍ୟ ରାକେଶ କୁମାର ପାଢ଼ୀ



ମୁଖ୍ୟ ଅତିଥି ଓ ପ୍ରସାରଣ ବିଭାଗ ମୁଖ୍ୟ ସୁଧିର ମାଦଲା, ସହସମ୍ପାଦକ ଦୀପକ ପଣ୍ଡା, ବିଜ୍ଞାପନ ବିଭାଗ ମୁଖ୍ୟ ସାୟଦ୍ ହବିବୁର ରହମାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଭିନ୍ନ ବ୍ଲକ ଓ ସହରାଞ୍ଚଳ ପ୍ରତିନିଧିଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଦକ୍ଷତା ଯୋଗୁଁ ଖୁବ କମ୍ ଦିନରେ 'ସକାଳ' ଖବର କାଗଜ ଜିଲ୍ଲାର ସବୁ ସ୍ଥାନରେ ଉପସ୍ଥିତି ଜାହିର କରିବା ସହ ପାଠକଙ୍କ ଦ୍ୱାରା ବେଶ୍ ଆଦୃତ ହୋଇପାରିଛି ବୋଲି ଜୟପୁର ସଂସ୍କରଣ ମୁଖ୍ୟ ଶ୍ରୀ ପାଢ଼ୀ ମତବ୍ୟକ୍ତ କରି ପ୍ରତିନିଧିଙ୍କୁ ସାଧୁବାଦ୍ ଜଣାଇଥିଲେ। ଆଗାମୀ ଦିନରେ ମଧ୍ୟ ସମସ୍ତଙ୍କ ସହଯୋଗ ଅବ୍ୟାହତ ରହିବ ବୋଲି ଶ୍ରୀ ପାଢ଼ୀ ଆଶାବ୍ୟକ୍ତ କରିଥିଲେ। କୋରାପୁଟ ସହର ପ୍ରତିନିଧି ସୁଶାନ୍ତ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜୟପୁର ପ୍ରତିନିଧି ସୁପ୍ରୀତ ପୂଜାରୀ, ବନ୍ଧୁଗାଁ ପ୍ରତିନିଧି ଉତ୍ତମ ନାୟକ, ନାରାୟଣପାଟଣା ପ୍ରତିନିଧି ଦିଲ୍ଲୀପ ଦାସ, ଲକ୍ଷ୍ମୀପୁର ପ୍ରତିନିଧି ଯୁଧିଷ୍ଠିର ବାଘ, କାକିରିଗୁମ୍ମା ପ୍ରତିନିଧି ଗୁପ୍ତ କୁଲଦିପ, ପୋଡ଼ାଗଡ଼ ପ୍ରତିନିଧି ରମେଶ ନାୟକ, ଦାମନଯୋଡ଼ି ପ୍ରତିନିଧି ଚୈତନ୍ୟ ହନ୍ତାଳ, ପଟ୍ଟାଙ୍ଗି ପ୍ରତିନିଧି ଶ୍ରୀକାନ୍ତ ଚୌଧୁରୀ, ସେମିଳିଗୁଡ଼ା ପ୍ରତିନିଧି ସି.ଏଚ୍. କୁର୍ମା ରାଓ, ସୁନାବେଡ଼ା ପ୍ରତିନିଧି ମନୋଜ ମୁଦୁଲି, ବୋରିଗୁମ୍ମା ପ୍ରତିନିଧି ସୁଶାନ୍ତ ପଣ୍ଡା ଓ ବିଜୟ ସାହୁ, ଚାନ୍ଦିଲି ପ୍ରତିନିଧି ଶୈଳେନ୍ଦ୍ର ମାଦଳା, କୁନ୍ଦୁରା ପ୍ରତିନିଧି ସନ୍ତୋଷ ପ୍ରହରାଜ, କୁସୁମୀ ପ୍ରତିନିଧି ଗୁପ୍ତ ପ୍ରସାଦ ମିଶ୍ର, ଫାମ୍ପୁଣୀ ପ୍ରତିନିଧି ପ୍ରଦୀପ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## 'ସକାଳ' ମୁଦ୍ରଣ କର୍ମଚାରୀଙ୍କ ବନ୍ଧୁମିଳନ

**ଜୟପୁର,୨୭।୧(ସମିସ):** ଜୟପୁର ଇରିଗେସନ୍ କଲୋନୀ ସ୍ଥିତ 'ସକାଳ' ମୁଦ୍ରଣ କାର୍ଯ୍ୟାଳୟର କର୍ମଚାରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟାଳୟର ମେସିନ୍ ବିଭାଗର କର୍ମଚାରୀଙ୍କ ପକ୍ଷରୁ ଜୟପୁର ଆରୋଗ୍ୟ ବନ ନିକଟସ୍ଥ ଏକ ପିକନିକ୍ ସ୍ପଟରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ କାର୍ଯ୍ୟାଳୟର ସିଟିପି ଅପରେଟର୍ ରଞ୍ଜିତ୍ ସ୍ୱାଇଁ, ସନ୍ଦିପ ଦଳାଇ, ମେସିନ୍ ସୁପରଭାଇଜର ସୌମ୍ୟରଞ୍ଜନ ପାଣିଗ୍ରାହୀ, ମେସିନ୍ ଅପରେଟର୍ ସୁଶାନ୍ତ ପ୍ରଧାନ, ଇଲେକ୍ଟ୍ରିସିଆନ୍ ନିରଞ୍ଜନ ପ୍ରଧାନ, ସଞ୍ଜୀବ ସାହୁଙ୍କ ସମେତ ପୂର୍ଣ୍ଣଚନ୍ଦ୍ର ଭୋଳ, ନାରାୟଣ ବେହେରା, ଲିଟନ୍ ମୁଦୁଲି,



ବିଷ୍ଣୁପ୍ରସାଦ ଦାଶ, ଅଶୋକ ସ୍ୱାଇଁ, ପ୍ରଭାତ ଦାଶ, ଅର୍ଜୁନ ପାତ୍ର, ବିନ୍ଦୁ ସାଗର ସାହୁ, ସାନ୍ତନୁ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଜୟପୁର 'ସକାଳ' ମୁଦ୍ରଣ କାର୍ଯ୍ୟାଳୟର ପ୍ୟାକର୍ କର୍ମଚାରୀଙ୍କ ପକ୍ଷରୁ ଜୟପୁର ବ୍ଲକର ସାହୁବ୍ରାହ୍ମଣୀଗାଁ ନିକଟସ୍ଥ ଶୀତଳମାଗୁଡ଼ିଠାରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଡେସପାଚ୍ ସୁପରଭାଇଜର୍ କୃଷ୍ଣଚନ୍ଦ୍ର ସ୍ୱାଇଁ, ଡେସପାଚର୍ ସନ୍ତୋଷ ପାଣିଗ୍ରାହୀ ଏବଂ ପ୍ୟାକର୍ ରଜନୀକାନ୍ତ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ନାଗ, ରବିନ୍ଦ୍ର ବିଶ୍ୱାଳ, ନବୀନ ନିଆଲ୍, କାହ୍ନୁଚରଣ ମହାପାତ୍ର, ରଞ୍ଜିତ ନାୟକ, ବିଜୟ ଜାନୀ ପ୍ରମୁଖ ସାମିଲ ହୋଇଥିଲେ।

■ **ପଶୁ ଚିକିତ୍ସକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ମରୁଛନ୍ତି ନୀରିହ ପଶୁ**

## ଜିଲ୍ଲା ପଶୁ ଚିକିତ୍ସାଳୟରେ ପଶୁପାଳକଙ୍କ ବିକ୍ଷୋଭ

**ମାଲକାନଗିରି,୨୭।୧(ସମିସ):** ମାଲକାନଗିରି ସଦର ମହକୁମାରେ ଥିବା ମୁଖ୍ୟ ପଶୁ ଚିକିତ୍ସାଳୟରେ ଜିଲ୍ଲାର ପଶୁ ଚିକିତ୍ସକମାନେ ବିଭିନ୍ନ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ଜିଲ୍ଲାରେ ଅନେକ ପଶୁଙ୍କୁ ଚିକିତ୍ସା ସେବା ମିଳିପାରୁ ନ ଥିବାବେଳେ ପଶୁପାଳକ ଓ ପଶୁପ୍ରେମୀଙ୍କ ମଧ୍ୟରେ ଏହା ଅସନ୍ତୋଷ ଭାବ ସୃଷ୍ଟି କରିଛି। ଚିକିତ୍ସା ନ ପାଇ ଗତ କିଛି ଦିନ ହେଲା ଅନେକ ନୀରିହ ପଶୁ ଯେପରିକି ଗାଇଗୋରୁ ଓ ପୋଷା କୁକୁର ସମେତ ଆନେକ ଜୀବଜନ୍ତୁ ଚିକିତ୍ସା ଅଭାବରୁ ମୃତ୍ୟୁବରଣ କରୁଛନ୍ତି। ତେବେ ଏହାକୁ ନେଇ କିଛି ସ୍ଥାନୀୟ ସମାଜସେବୀ ପଶୁ ଡାକ୍ତରଙ୍କ ଆନ୍ଦୋଳନ ଜାରି ରଖିଲେ ମଧ୍ୟ ନୀରିହ ପଶୁମାନଙ୍କ ଚିକିତ୍ସା କରାଯିବାକୁ ଅନୁରୋଧ କରିଥିଲେ। କିନ୍ତୁ ଏହାକୁ ଗୁରୁତ୍ୱର ସହ ନ ନେବାରୁ କିଛି ଦିନ ହେଲା ପାଳିତ ପଶୁ ମୃତ୍ୟୁବରଣ କରିଛନ୍ତି ବୋଲି ଜିଲ୍ଲାର ଅନେକ ପଶୁପ୍ରେମୀ ଓ ପଶୁପାଳକ ଅଭିଯୋଗ କରି ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସାଳୟରେ ପହଞ୍ଚି ବିକ୍ଷୋଭ କରିଥିଲେ। ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରି ଜିଲ୍ଲା ପଶୁ ଚିକିତ୍ସା ଅଧିକାରୀଙ୍କୁ ଭେଟି ଏହାର ତୁରନ୍ତ ସମାଧାନ ପାଇଁ ଦାବି କରିଛନ୍ତି। ସ୍ଥାନୀୟ ପଶୁପ୍ରେମୀ ଜି. ଶ୍ରୀନିବାସ ରାଓ, ସୁଧୀର ଜେନା, ବସନ୍ତ ନାୟକ, ବିମଲ ଛତ୍ରୀ, ରବି ରାଜେଶ, ବାବୁ ପାତ୍ର ପ୍ରମୁଖଙ୍କ ସହ ଅନେକ ପଶୁପ୍ରେମୀ ଓ ପଶୁପାଳକ।



## 'ସକାଳ' କାର୍ଯ୍ୟାଳୟ ଓ ଛାପାଖାନାରେ ସାଧାରଣତନ୍ତ୍ର ଦିବସ ପାଳିତ

**ଜୟପୁର,୨୭।୧(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସଂସ୍କରଣର 'ସକାଳ' କାର୍ଯ୍ୟାଳୟ ତଥା ଛାପାଖାନାଠାରେ ୭୫ତମ ସାଧାରଣତନ୍ତ୍ର ଦିବସ ଗତ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଜୟପୁର ସଂସ୍କରଣ ଆଞ୍ଚଳିକ ମୁଖ୍ୟ ରାକେଶ ପାଢ଼ୀ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଇରିଗେସନ୍ କଲୋନୀର ଶ୍ରୀଅରବିନ୍ଦ ଶିକ୍ଷାନିକେତନର ଛାତ୍ରଛାତ୍ରୀମାନେ ଜାତୀୟ ସଂଗୀତ ଗାନ କରିଥିଲେ। ଏଥିରେ 'ସକାଳ' କାର୍ଯ୍ୟାଳୟର ପ୍ରସାର ନିର୍ବାହୀ ସୁଧୀର ମାଦଳା, ବିଜ୍ଞାପନ ନିର୍ବାହୀ ସୟଦ ହବିବୁର୍ ରେହମାନ, ସହସମ୍ପାଦକ ଦୀପକ କୁମାର ପଣ୍ଡା, ଜୟପୁର ସିଟି ପ୍ରତିନିଧି ସୁପ୍ରିତ ପୂଜାରୀ, ସୁପରଭାଇଜର୍ ସୌମ୍ୟ ରଞ୍ଜନ ପାଣିଗ୍ରାହୀ, ମେସିନ୍ ଅପରେଟର୍ ସୁଶାନ୍ତ ପ୍ରଧାନ, ଲିଟୁନ୍ ମୁଦୁଲି, ଦାଶ ଗୌଡ଼, ମେସିନ୍ ଅପରେଟର୍ ଅଖିଳେଶ ସିଂ, ଅଶୋକ ସ୍ୱାଇଁ, ପ୍ରଭାତ ଦାଶ, ସିଟିପି ଅପରେଟର ରଞ୍ଜିତ୍ ସ୍ୱାଇଁ, ସନ୍ଦୀପ ଦଳାଇ ପ୍ରମୁଖ ଛାପାଖାନାର କର୍ମଚାରୀ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଅରବିନ୍ଦ ଶିକ୍ଷାନିକେତନର ଶିକ୍ଷକଶିକ୍ଷୟିତ୍ରୀ ଏବଂ ଇରିଗେସନ ପିଇବା ପାଣି ଯୋଗାଣ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ପତାକା ଉତ୍ତୋଳନ ପରେ ମୁଖ୍ୟ ଅତିଥି ଶ୍ରୀ ପାଢ଼ୀ ଛାତ୍ରଛାତ୍ରୀମାନଙ୍କୁ ସାଧାରଣତନ୍ତ୍ର ଦିବସ ସମ୍ବନ୍ଧରେ ସୂଚନା ଦେଇଥିଲେ। ଶେଷରେ ସମସ୍ତଙ୍କୁ ସାଧାରଣତନ୍ତ୍ର ଦିବସର ଶୁଭକାମନା ସହ ମିଷ୍ଟାନ୍ନ ଓ ଚକୋଲେଟ ବଣ୍ଟନ କରାଯାଇଥିଲା।



## ୧୯ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କୁ ସମ୍ବର୍ଦ୍ଧନା



**ପାପଡ଼ାହାଣ୍ଡି,୨୭।୧(ସମିସ):** ପାପଡ଼ାହାଣ୍ଡି ବ୍ଲକର ତୀର୍ଥ ଯାତ୍ରା କରୁଥିବା ୧୯ ଜଣ ବରିଷ୍ଠ ନାଗରିକଙ୍କୁ ଶନିବାର ବ୍ଲକ କାର୍ଯ୍ୟାଳୟଠାରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ବରିଷ୍ଠ ନାଗରିକମାନେ ତୀର୍ଥ ଯାତ୍ରା ଯୋଜନାରେ ଗୟା ଓ ବାରଣାସୀ ଯାତ୍ରା କରିବେ। ସର୍ବପ୍ରଥମେ ପାପଡ଼ାହାଣ୍ଡି ବ୍ଲକରୁ ବସ୍ ଯୋଗେ ରାୟଗଡ଼ା ଯାତ୍ରା କରି ରାୟଗଡ଼ାରୁ ଟ୍ରେନ୍ ମାଧ୍ୟମରେ ଯାତ୍ରା ଆରମ୍ଭ କରିବେ। ସମସ୍ତ ଯାତ୍ରୀଙ୍କ ପାଇଁ ଗାଇଡର ମଧ୍ୟ ସୁବିଧା ଦିଆଯାଇଛି। ବିଡିଓ ଦୁର୍ଯ୍ୟୋଧନ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ବ୍ଲକ ଅଧ୍ୟକ୍ଷା ହେମଲତା ମାଝୀ, ଆଇଆଇସି ଦିପକ କୁମାର ଜେନା, ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ବିଏସ୍ଓ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ ଓ ଲୋକଙ୍କୁ ମିଳୁଥିବା ସୁବିଧା ବିଷୟରେ ଅଭିଭାଷଣ ରଖିଥିଲେ। ଏହି ଅବସରରେ ଅତିଥିମାନେ ବରିଷ୍ଠ ନାଗରିକଙ୍କୁ ଫୁଲତୋଡ଼ା ଦେଇ ସଫଳ ଯାତ୍ରା ନେଇ ଶୁଭେଚ୍ଛା ଜଣାଇଥିଲେ।

## ମାଲକାନଗିରିରୁ ଗୟା ଓ ବାରଣାସୀ ତୀର୍ଥ ଯାତ୍ରା

**ମାଲକାନଗିରି,୨୭।୧(ସମିସ):** ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଦ୍ୱାରା ଶନିବାର ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଅଧୀନରେ ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ ନେବା ନିମନ୍ତେ ମାଲକାନଗିରି ଜିଲ୍ଲାରୁ ତୀର୍ଥ ଯାତ୍ରୀଙ୍କୁ ନେଇ ଏକ ବସ୍ ରାୟଗଡ଼ା ଅଭିମୁଖେ ଯାତ୍ରା କରିଛି। ଏହି ତୀର୍ଥ ଯାତ୍ରୀ ବସକୁ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ ସବୁଜ ପତାକା ଦେଖାଇ ଉଦଘାଟନ କରିଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଭାଗ ବେଦବର ପ୍ରଧାନ ଉପସ୍ଥିତ ରହି ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। କୋରାପୁଟ, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଓ କଳାହାଣ୍ଡି ଜିଲ୍ଲାର ତୀର୍ଥଯାତ୍ରୀ ରାୟଗଡ଼ା ରେଳ ଷ୍ଟେସନରୁ ଗୟା ଓ ବାରଣାସୀ ଅଭିମୁଖେ ଯାତ୍ରା କରିବେ। ସମସ୍ତ ୭୯ ଜଣ ତୀର୍ଥଯାତ୍ରୀ ଓ ୩ ଜଣ ସହଯୋଗୀ ଅଧିକାରୀ ରାୟଗଡ଼ାରେ ପହଞ୍ଚିବେ ଏବଂ ରବିବାର ଗୟା-ବାରଣାସୀ ଅଭିମୁଖେ ଯାତ୍ରା କରିବେ। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ କରିବେ। ଯାତ୍ରୀଙ୍କର ସୁଖଦ ଯାତ୍ରା ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ପର୍ଯ୍ୟଟନ ବିଭାଗ ପକ୍ଷରୁ ନିଆଯାଇଛି। ସମସ୍ତ ଯାତ୍ରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ପଠାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ହରେକୃଷ୍ଣ କୀର୍ତ୍ତନିଆ ଓ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ।



# ଆଦିବାସୀଙ୍କ ଗଣପର୍ବ ପୁଷ୍ ପୁନେଇଁ ପାଳିତ

**ଉମରକୋଟ,୨୭।୧(ସମିସ)**

ଆଦିବାସୀ ପରମ୍ପରା ଯେତିକି ନିଆରା ସଂସ୍କୃତି ସେତିକି ଭିନ୍ନ। ଋତୁ ଅନୁଯାୟୀ ପର୍ବ ପାଳନ କରୁଥିବା ଆଦିବାସୀ ପୌଷ ମାସରେ ପାଳନ କରିଥାନ୍ତି ପୁଷ ପୁନେଇଁ ପର୍ବ। ଏହି କ୍ରମରେ ଉମରକୋଟ ବ୍ଲକର ବିଭିନ୍ନ ଗ୍ରାମରେ ପୁଷ ପୁନେଇଁ ପର୍ବ ପାଳିତ ହୋଇଯାଇଛି। କିନ୍ତୁ ଆଧୁନିକତାର ପ୍ରଭାବରେ ହଜିବାକୁ ବସିଛି ଏହି ପାରମ୍ପରିକ ପର୍ବ। ପୁଷ ପୁନେଇଁ ପୂର୍ବ ଭଳି ଆତ୍ମୀୟତା ଓ ସରସତା ଦେଖିବାକୁ ମିଳୁ ନାହିଁ। କେବଳ ପରମ୍ପରା ରକ୍ଷା ନାଁରେ ବଞ୍ଚିଛି ଏହି ପର୍ବ। କୃଷିଭିତ୍ତିକ ପର୍ବ ଭାବେ ପରିଚିତ ପୁଷ ପୁନେଇଁ। ମନୋରଞ୍ଜନର ସମସ୍ତ ଖୋରାକ ଭରି ରହିଥିଲା ଏହା ପର୍ବରେ। ପିଲାଠୁ ବୁଢ଼ା ସମସ୍ତେ ଏହାର ମଜା ଉଠାଉଥିଲେ। ମାର୍ଗଶୀର ମାସ ଶେଷ ସୁଦ୍ଧା ଧାନ କଟା ଓ ଅମଳ ସରିଯାଏ। ଏହାପରେ ଚାଷୀଙ୍କ ବିଶେଷ କିଛି କାମ ନ ଥାଏ। ତେଣୁ ପୁଷ ପୁନେଇଁ ପାଳନ ପାଇଁ ଅପେକ୍ଷା କରି ରହୁଥିଲେ ଆଦିବାସୀ। ଧାଙ୍ଗଡ଼ା, ଧାଙ୍ଗିଡ଼ି, ବୟସ୍କ ଓ ବୃଦ୍ଧବୃଦ୍ଧା ଏହି ସମୟରେ ମଉଜ କରିଥାନ୍ତି। ବିଭିନ୍ନ ପୌରାଣିକ ଚରିତ୍ରରେ ନିଜକୁ ସଜାଇ ପଟୁଆରରେ ବାହାରିବା ଏବଂ ପ୍ରତ୍ୟେକ ଘରକୁ ଯାଇ ଅଭିନୟ କରିବା ଏହି ପର୍ବର ବିଶେଷତ୍ୱ ରହିଛି। ଘର ମାଲିକ ଖୁସିରେ କିଛି ଧାନ କିମ୍ବା ଚାଉଳ ଦେଇଥାନ୍ତି। ଏଣୁ ପୌଷ ମାସର ଶେଷ ଆଡ଼କୁ ଗାଁ ଗହଳିରେ ପୁଷ ପୁନେଇଁ ଦଳକୁ ଦେଖିବାକୁ ମିଳେ। ଛୋଟ ପିଲା ଛେରଛେରା ମାଗୁଥିଲେ। ଯୁବକଯୁବତୀ ଏଥିରେ ସାମିଲ ହୋଇଥାନ୍ତି। ଏହି ସୁଯୋଗରେ ସେମାନେ ପରସ୍ପରକୁ ଜୀବନସାଥୀ ଭାବେ ପସନ୍ଦ କରିବାର ଗୋଟିଏ ଅବସର ପାଇଥାନ୍ତି। ପରେ ଘର ସଂସାର କରିଥାନ୍ତି। ତେଣୁ ଏହାକୁ ଆଦିବାସୀଙ୍କ ଗଣପର୍ବ ଭାବେ ବିବେଚନା କରାଯାଏ। ଭାବର ଆଦାନପ୍ରଦାନ ସହ ସମ୍ପର୍କ ସୁଦୃଢ଼ କରିବାର ମାଧ୍ୟମ ଥିଲା ଏହି ପର୍ବ। ହେଲେ ଏବେ ଆଧୁନିକତାର ପ୍ରଭାବ ଆଦିବାସୀଙ୍କ ପୁଷ ପୁନେଇଁ ପର୍ବ ଉପରେ ପଡ଼ିଛି। ସହରାଞ୍ଚଳରେ ପୁଷ ପୁନେଇଁ ଦଳ ଦେଖାଯାଉ ନାହାନ୍ତି। ସହରର ଗାଁ ତଥା ଉପକଣ୍ଠ ଅଞ୍ଚଳରେ କେତେକ ଛୋଟ ଶିଶୁ ସନ୍ଧ୍ୟାରେ କାଳୀ ବୋଲି ହୋଇ ଡବା ବାଡ଼େଇ ପର୍ବ ପାଳନ କରୁଥିବାବେଳେ ଗ୍ରାମାଞ୍ଚଳରେ କେତେକ ହାତଗଣତି ଦଳ ପରମ୍ପରାକୁ ବଞ୍ଚାଇ ରଖିଛନ୍ତି।



## ଜାତୀୟ ସମର ଶିକ୍ଷାର୍ଥୀ ପଦାତିକ ବାହିନୀ ସମ୍ବର୍ଦ୍ଧିତ

**ମାଲକାନଗିରି,୨୭।୧(ସମିସ):** ମାଲକାନଗିରି ପୁଲିସ ପ୍ରଶାସନ ତରଫରୁ ମାଲକାନଗିରି ମହାବିଦ୍ୟାଳୟ ବରିଷ୍ଠ ବଭାଗ ଏନସିସି କ୍ୟାଡେଟମାନଙ୍କୁ ଜିଲ୍ଲା ପୁଲିସ ସଭାଗୃହରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ସଭାରେ ମୁଖ୍ୟ ଅଥିତି ରୂପେ ପୁଲିସ ଆରକ୍ଷୀ ଅଧୀକ୍ଷକ ନୀତେଶ ୱାଧୱାନି ଯୋଗଦାନ କରି କ୍ୟାଡେଟ ମାନଙ୍କୁ ଭୁରିୟସୀ ପ୍ରଶଂସା କରିବା ସହିତ ମାନପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ପୁଲିସ ନିରୀକ୍ଷକ ତପନ କୁମାର ରଥ ସଭାପତିତ୍ୱ କରିଥିବାବେଳେ ସମ୍ମାନିତ ଅତିଥି ରୂପେ ଡିଏସପି, ସତ୍ୟ ପ୍ରକାଶ ଭୂୟାଁ, ମୁଖ୍ୟବକ୍ତା ରୂପେ ଡିଏସପି ଯଦୁନାଥ ଜେନା, ସମ୍ମାନିତ ଅତିଥି ରୂପେ ଉପଖଣ୍ଡୀୟ ପୁଲିସ ଅଧିକାରୀ ସଚିନ ପଟେଲ ଯୋଗଦେଇ କ୍ୟାଡେଟମାନଙ୍କୁ ଏହିଭଳି ଭଲ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ମାଲକାନଗିରି ମହାବିଦ୍ୟାଳୟ ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ର, ଜିଲ୍ଲା ଯୁବ ରେଡକ୍ରସ ଆବାହକ ତଥା ସମ୍ପାଦକ ଡ. ରଞ୍ଜନ କୁମାର ସ୍ୱାଇଁ ଆଜିର ଏହିଭଳି କାର୍ଯ୍ୟକ୍ରମ ମାଲକାନଗିରି ଜିଲ୍ଲାରେ ପ୍ରଥମ ଥର ପାଇଁ ଆୟୋଜନ କରିଥିବାରୁ ପୁଲିସ ଆରକ୍ଷୀ ଅଧୀକ୍ଷକ ନୀତେଶ ୱାଧୱାନୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ଏହି ଅବସରରେ ମୋଟ ୪୨ ଜଣଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିବାରୁ କ୍ୟାଡେଟଙ୍କ ମଧ୍ୟରେ ଉତ୍ସାହ ଏବଂ ଆଗ୍ରହ ଦେଖିବାକୁ ମିଳିଛି। ପ୍ରକାଶ ଥାଉକି ଏହି କ୍ୟାଡେଟ ମାନେ ମାଲ୍ୟବନ୍ତ ମହୋତ୍ସବ, ବଡ଼ଯାତ୍ରା, ସଡ଼କ ସୁରକ୍ଷା, ସାଇବର ଠକେଇ ପଦଯାତ୍ରା, ଶାନ୍ତିଶୃଙ୍ଖଳା ବଜାୟ ରଖିବା ନିମନ୍ତେ ସର୍ବଦା ମୁତୟନ ଥିବାରୁ ତାଙ୍କର କାର୍ଯ୍ୟଶୈଳୀକୁ ଭୂୟସୀ ପ୍ରଶଂସା କରାଯାଇ ଏହି ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଦକ୍ଷିଣ ମାରାଣ୍ଡି ଏବଂ ସଂରକ୍ଷିତ ପୁଲିସ ନିରୀକ୍ଷକ ସତ୍ୟପ୍ରିୟ ବିଶ୍ୱାଳ ସହଯୋଗ କରିଥିଲେ। ଶେଷରେ ଏନସିସି ଅଧିକାରୀ ସୁଶାନ୍ତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।



# ‘ନୂଆ-ଓ’ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ











**ଜୟପୁର, ୨୭।୧(ସମିସ)**

ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ୨ ଦିନିଆ ‘ନୂଆ-ଓ’ କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଓଏସଡି ପ୍ରଫେସର ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କୀଚକ ଚନ୍ଦ୍ର ଜେନା ଯୋଗଦେଇଥିଲେ। ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା ମଧ୍ୟରେ ପ୍ରଶ୍ନମଞ୍ଚ ଏବଂ ଓଡ଼ିଆ ଭଜନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଶ୍ନ ମଞ୍ଚରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଛାତ୍ର ଉଦୟନାଥ ନିଆଲ ପ୍ରଥମ ଓ ଛାତ୍ରୀ ଶ୍ରୀପଦ୍ମା ସାହୁ ଯୁଗ୍ମ ପ୍ରଥମ ବିଜେତା, କୋରାପୁଟ ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ର ବିଷ୍ଣୁ ନାୟକ ଓ ଛାତ୍ରୀ ଶୁଭଲକ୍ଷ୍ମୀ ରାଉତ ଯୁଗ୍ମ ଦ୍ୱିତୀୟ, କୁଟ୍ରୁମୁଲଗୁମ୍ମା ଡାରଉଇନ ମେମୋରିଆଲ ସ୍ନାତକ ମହାବିଦ୍ୟାଳୟ ଛାତ୍ର ହରିଶ୍ଚନ୍ଦ୍ର ଗୁଣ୍ଡା ତୃତୀୟ ସ୍ଥାନ ପାଇଥିଲେ। ସେହିପରି ଓଡ଼ିଆ ଭଜନ ପ୍ରତିଯୋଗିତାରେ ନବରଙ୍ଗପୁର ମଡେଲ ସ୍ନାତକ ମହାବିଦ୍ୟାଳୟର ଛାତ୍ର ଶିବ ପ୍ରସାଦ ମହାପାତ୍ର ପ୍ରଥମ, ଶ୍ରୀଧର ବେହେରା ଦ୍ୱିତୀୟ ଏବଂ ରାୟଗଡ଼ା ମଡେଲ ସ୍ନାତକ ମହାବିଦ୍ୟାଳୟ ଛାତ୍ରୀ ଦେବକୀ ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମର ସଂଯୋଜକ ଭାବେ ଡ. ପ୍ରଶାନ୍ତ କୁମାର ପାତ୍ର, ଡ.ଅରୁଣ କୁମାର ରାଜ, ଡ. ସାଗରିକା ମିଶ୍ର, ଡ. ବିଜୟ କୁମାର ସେଠୀ, ଡ.ଲକ୍ଷ୍ମଣ ପାତ୍ର, କେଦାର ପୃଷ୍ଟିଙ୍କ ସହିତ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକଅଧ୍ୟାପିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଅଧ୍ୟାପକ ସଚ୍ଚିନ କୁମାର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ମୈଦଲପୁର

ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ୍ ମୈଦଲପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ‘ନୂଆ-ଓ’ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦଯାପିତ ହୋଇଯାଇଛି। ଏହି ଅବସରରେ ୬ ଦିନ ଧରି ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ବକ୍ତୃତା ପ୍ରବନ୍ଧ ପ୍ରଶ୍ନମଞ୍ଚ, ହସ୍ତାକ୍ଷର ଲିଖନ, କ୍ରିକେଟ ଖେଳ ଭଳି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଗଣେଶ୍ୱର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୈଦଲପୁର ଥାନା ଏଏସଆଇ ଲୋକେଶ କୁମାର ଭୋଇ, ମୁଖ୍ୟବକ୍ତା ରୂପେ ପାପଡ଼ାହାଣ୍ଡି ଡାଳିମ୍ବ ଦେଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସାନା ସାହୁ ଯୋଗଦେଇଥିଲେ। ସରପଞ୍ଚ ଚନ୍ଦ୍ର ଧ୍ୱଜ ମାଝୀ ନାୟକ, ସରପଞ୍ଚ ବନିତା ପଟ୍ଟନାୟକ ଯୋଗଦେଇଥିଲେ। ଅତିଥିମାନେ ଜଗନ୍ନାଥ ସଂସ୍କୃତି ଉପରେ ଆଲୋଚନା କରି ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ଭାଷା ସାହିତ୍ୟରେ କିପରି ଆଗ୍ରହ ବଢ଼ିବ ଓ ଜଗନ୍ନାଥ ସଂସ୍କୃତିର ମହତ୍ତ୍ୱ ବିଷୟରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ବାଳକୃଷ୍ଣ ବିଷୋୟୀ, ମିନାକ୍ଷୀ ବାହୁକ, ମାଧବୀ ଆଚାର୍ଯ୍ୟ, ବିଣାପାଣୀ ପଟ୍ଟନାୟକ, ବିଭୂତିଭୂଷଣ ହୋତା, କେଶବ ଚନ୍ଦ୍ର ମାଝୀ, ନରେଶ ଚନ୍ଦ୍ର ସରକାର ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଖେଳ ପ୍ରତିଯୋଗିତାରେ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ମାଥିଲି

‘ନୂଆ-ଓ’ ମାଧ୍ୟମରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ସାହିତ୍ୟ ପ୍ରତିଯୋଗିତା ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ଉଦଯାପିତ ହୋଇଯାଇଛି। ଏହି କ୍ରମରେ ମାଲକାନଗିରି ଜିଲ୍ଲା ମାଥିଲିଠାରେ ଥିବା ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୧୭ ତାରିଖଠାରୁ ବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ଭଦ୍ରଙ୍କ ନେତୃତ୍ୱରେ ଆୟୋଜିତ ହୋଇ ଆସୁଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, କ୍ରୀଡ଼ା, ନୃତ୍ୟ, ପ୍ରବନ୍ଧ, ଚିତ୍ରାଙ୍କନ, ସଙ୍ଗୀତ, ତର୍କ ବିତର୍କ ଓ ସାଧାରଣ ପ୍ରତିଯୋଗିତା କାର୍ଯ୍ୟକ୍ରମ ଚାଲୁ ରହିଥିବାବେଳେ ଗୁରୁବାର ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଥିଲି ବ୍ଲକ୍ ଅଧ୍ୟକ୍ଷ ମହେଶ କୁମାର ବାକା, ମୁଖ୍ୟବକ୍ତା ଭାବେ ପଡ଼ିଆ ବ୍ଲକ୍ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପରମାନନ୍ଦ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସହକାରୀ ଜିଲ୍ଲାପାଳ ଅକ୍ଷୟ କୁମାର ମାଣ୍ଡାଙ୍ଗି ଓ ସହକାରୀ ଜିଲ୍ଲାପାଳ ପ୍ରସନ୍ନ କୁମାର ପାଢ଼ୀ, ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଷୀକେଶ ଗଣ୍ଡ ଓ ଖଇରପୁଟ ବ୍ଲକ ମାଡକାପଦର ସମିତିସଭ୍ୟ ଅକ୍ଷୟ ରଞ୍ଜନ ପାଙ୍ଗି ଯୋଗଦେଇଥିଲେ। ଏଥିସହ ଅତିଥିମାନଙ୍କ ଦ୍ୱାରା ବିଶ୍ୱ କନ୍ୟାରତ୍ନ ଦିବସ ପାଳନ କରାଯାଇ ଉପସ୍ଥିତ ଅତିଥିମାନେ ଓଡ଼ିଆ ଭାଷା ଓ ଆଞ୍ଚଳିକ ଭାଷା ଉପରେ ବିସ୍ତୃତ ଭାବରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଦିବସଠାରୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର, ଟ୍ରଫି ଓ ଅର୍ଥରାଶି ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

## କୋରୁକୋଣ୍ଡା

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ ଓ ପରିକ୍ରମା ପ୍ରକଳ୍ପର ଉଦଘାଟନ ପରିପ୍ରେକ୍ଷୀରେ ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦର ସ୍ୱାମୀ ଶିବାନନ୍ଦ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ହେଉଥିବା ‘ନୂଆ-ଓ’ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶଶିଭୂଷଣ ମିଶ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ନୀଳମଣି ପ୍ରଧାନ, ସଭାପତି ଭାବେ ପ୍ରଧାନଶିକ୍ଷକ ସରୋଜକାନ୍ତ ବେହେରା ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରେ ମଞ୍ଚାସିନ ଅତିଥିମାନେ ଓଡ଼ିଆ ଭାଷା ଓ ସାହିତ୍ୟକୁ ନେଇ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ମୁଖ୍ୟ ଅତିଥି ଶ୍ରୀ ମିଶ୍ର ଆଜିକାଲି କିପରି ଭାବରେ ଛାତ୍ରଛାତ୍ରୀ ମାତୃଭାଷାଠାରୁ ଦୂରେଇ ଯାଇଥିବାବେଳେ ବିଭିନ୍ନ ଶ୍ଳୋକ, ପୁରାଣ ପଢ଼ିବାରେ ଅସମର୍ଥ ହେଉଥିବା ନେଇ ବିଭିନ୍ନ ଉଦାହରଣ ସହିତ ସାହିତ୍ୟ ଏବଂ ଓଡ଼ିଆ ଭାଷା ପ୍ରତି ଅଧିକ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।







## ଟିକିରି

ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଟିକିରି ସରକାରୀ ଉଚ୍ଚ ବିଦ୍ୟାଳୟରେ ‘ନୂଆ-ଓ’ ଯୁବ ଓଡ଼ିଶା ଓ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ, କାଶୀପୁର ବ୍ଲକ ଅଧ୍ୟକ୍ଷ କଣ୍ଟ ମାଝୀ, କାଶୀପୁର ଗୋଷ୍ଠୀ ଶିକ୍ଷାଧିକାରୀ ସୁଶ୍ରୀ ଦୀପ୍ତିମୟୀ ସିଂହ, ସଭାପତି ରାମ ମୋହନ ମହାନ୍ତି ଉପସ୍ଥିତ ଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ରଞ୍ଜିତ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତାଙ୍କ ଦ୍ୱାରା ବକ୍ତବ୍ୟ ପ୍ରଦାନ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଗୁଣୁପୁର

ଗୁଣୁପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସ୍ନାତକ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ‘ନୂଆ-ଓ’ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଗୁଣୁପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ସ୍ନାତକ ଶ୍ରେଣୀର ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଉଭୟ ସଭାରେ ସଭାପତିତ୍ୱ କରିଥିଲେ ଅନୁଷ୍ଠାନର ପରିଚାଳନା କମିଟିର ସଭାପତି ମୋହନ ଚନ୍ଦ୍ର ସାହୁ। ଅଧ୍ୟକ୍ଷ ଶଶିଭୂଷଣ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ସ୍ଥାନୀୟ ତହସିଲଦାର ଲୀଳାବତି ଆଚାର୍ଯ୍ୟୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରଶଂସା କରିଥିଲେ। ସେହିପରି ସ୍ନାତକ ଶ୍ରେଣୀର ସଭାକାର୍ଯ୍ୟରେ ଅନୁଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷା ଡ. ଇନ୍ଦିରା ଅଧିକାରୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ସାହିତ୍ୟର ମହନୀୟତା ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଗୁଣୁପୁର ଆଦର୍ଶ ଥାନା ଅଧିକାରୀ ଉତ୍ତମ କୁମାର ସାହୁ ଯୋଗଦେଇଥିଲେ। ଅଧ୍ୟାପକ ଗୋକୁଳାନନ୍ଦ ସାହୁ ଓ ଅଧ୍ୟାପକ ଡ. ସତ୍ୟବାନ ଗଦଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଭୟ କାର୍ଯ୍ୟକ୍ରମର ନୋଡାଲ ଅଫିସର ଯଥାକ୍ରମେ ଅଧ୍ୟାପକ ପ୍ରିୟବ୍ରତ ମହାକୁଡ଼ ଓ ଅଧ୍ୟାପକ ଜଗନ୍ନାଥ ଦୀପ କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ଡ. ଦେବୀଶ୍ରୀ ମହାପାତ୍ର ଓ ଅଧ୍ୟାପକ ଅମିୟ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରାଧ୍ୟାପକ ଡ. ସୂର୍ଯ୍ୟନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଡ. ଜବାହରଲାଲ୍ ଚୌଧୁରୀ, ଜ୍ୟୋତିରଞ୍ଜନ ପଟ୍ଟନାୟକ, ସତିଶ ପଟ୍ଟନାୟକ, ବନ୍ଦିତା ଧୁରୁଆ, ଦୀପ୍ତିମୟୀ ବଡ଼ରଇତ, ଚିତ୍ରା ମିଶ୍ର, ଲକ୍ଷ୍ମଣ ଶବର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପୌରାଣିକ ନାଟକ ‘ଶ୍ରୀଗୁଣ୍ଡିଚା’ ପରିବେଷଣ କରାଯାଇଥିଲା।

# ସରିଲା କାଶୀପୁର ବ୍ଲକ୍ ଟୋକିମରା ପରବ



**ଟିକିରି,୨୭।୧(ସମିସ):** ପେଙ୍ଗ ଆଦିବାସୀଙ୍କ ପାରମ୍ପରିକ ପର୍ବ ଟୋକିମରା ପରବ ଉଦଯାପିତ ହୋଇଯାଇଛି। ଟୋକିମରା ପରବର ମୁଖ୍ୟ ଆକର୍ଷଣ ହେଉଛି ମାଳିଚ ଗା। ବୁଧବାର ଚନ୍ଦ୍ରଗିରି ପଞ୍ଚାୟତ ସହିତ ଅନ୍ୟ ପଞ୍ଚାୟତର ବହୁଲୋକ ବଫଲାମାଳିରେ ଚଢ଼ିଥିଲେ। ପାହାଡ଼ ଶୀର୍ଷରେ ଥିବା ଦେବୀଙ୍କଠାରେ ବେଜଣି, ଜାନି ଦିଶାରୀମାନେ ନଡ଼ିଆ, କଦଳୀ ଭୋଗ ସହିତ କୁକୁଡ଼ା, ଛେଳି ବଳି ଦେଇ ପୂଜା କରିଥିଲେ। ଏଥିରେ ଯୁବକଯୁବତୀମାନେ ନାଚଗୀତରେ ଝୁମିଥିଲେ। ଗାଁର ସୁଖଶାନ୍ତି ଏବଂ ଭଲ ଫସଲ ଉତ୍ପାଦନ ପାଇଁ ଧରଣୀ ପେନୁଙ୍କୁ ସନ୍ତୁଷ୍ଟି ପାଇଁ ମେଣ୍ଢାବଳି ଦିଆଯାଇଥିଲା। ବହୁବର୍ଷ ପୂର୍ବେ ଅବିବାହିତ କନ୍ୟାଙ୍କୁ ବଳି ଦିଆଯାଉଥିବା କଥା ରହିଛି। ଏବେ କିନ୍ତୁ ମେଣ୍ଢା ଛୁଆକୁ ବଳି ଦିଆଯାଉଛି। ପାରମ୍ପରିକ ବିଧି ଅନୁସାରେ ଗତ ଶନିବାର ରାତିରେ ଚାନ୍ଦଗିରି ଗ୍ରାମର ଆଖପାଖ ୭୦ରୁ ଅଧିକ ଗ୍ରାମର ଲୋକେ ନିଜ ଗ୍ରାମର ଧରଣୀ ପେନୁର ଅସ୍ତ୍ରଶସ୍ତ୍ର, ଲାଠିକୁ ଧରି ବାଜା ବଜାଇ ପଟୁଆରରେ ଗ୍ରାମରେ ପହଞ୍ଚିଥିଲେ। ଶୁଭ ମୁହୂର୍ତ୍ତରେ ରବିବାର ସକାଳେ ଶୋଭାଯାତ୍ରାରେ ବଳି ମେଣ୍ଢାକୁ ଗ୍ରାମର ଧରଣୀକୁ ନିଆଯାଇଥିଲା। ମାଂସ ଧରି ଘରକୁ ଫେରିଥିଲେ ଗ୍ରାମବାସୀ। ମେଣ୍ଢା ମାଂସ ଜମିରେ ପୋତିଲେ ଭଲ ଫସଲ ହେବାର ଆଦିବାସୀଙ୍କ ବିଶ୍ୱାସ ରହିଛି। ଦଶହରା ସମୟରେ ବ୍ଲକର ଅଞ୍ଚଳରେ ଥିବା କେଉଁ ଗ୍ରାମର ଧରଣୀରେ ବଳି ଦେଇ ଟୋକିମରା ହେବା ନେଇ ସ୍ଥିର କରାଯାଇଥାଏ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର

**ନବରଙ୍ଗପୁର,୨୭।୧(ସମିସ):** ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ବିଦ୍ୟାନିକେତନ ଡିଗ୍ରୀ ମହାବିଦ୍ୟାଳୟ, ନବରଙ୍ଗପୁର ପ୍ରକୋଷ୍ଠରେ ଛାତ୍ରଛାତ୍ରୀଙ୍କୁ ନେଇ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ଓଡ଼ିଶା ହାଇକୋର୍ଟ ଭିଡିଓ କନଫରେନ୍ସିଂ ନିୟମ-୨୦୨୦ର ଲାଭ ଏବଂ ସେମାନଙ୍କ ପାଇଁ ଉପଲବ୍ଧ ଆଇସିଟି ସୁବିଧା ଏବଂ ସିଭିଲ୍ ପ୍ରକ୍ରିୟା ଏଡିଆର ନିୟମ ୨୦୦୭ ଏବଂ ସିଭିଲ୍ ପ୍ରକ୍ରିୟା ମଧ୍ୟସ୍ଥତା ନିୟମ ୨୦୦୭ର ଆଞ୍ଚଳିକ ଭାଷାରେ ସର୍ବୋଚ୍ଚ ନ୍ୟାୟାଳୟର ବିଚାରର ଅନୁବାଦ ଏବଂ ନାଗରିକଙ୍କ ସାମ୍ବିଧାନିକ ଅଧିକାର ଏବଂ କର୍ତ୍ତବ୍ୟ ବିଷୟରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ




ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ସଞ୍ଜୀବ ଦୁବେଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଜନକ ରାଉତ ମଞ୍ଚାସୀନ ଥିଲେ ଏବଂ ଉକ୍ତ ଆକ୍ଟ ବିଷୟରେ ଆଲୋକପାତ କରିଥିଲେ। ଅନ୍ୟାନ୍ୟ ଅତିଥି ଭାବେ ମନୋରମା ମାଝି, ରାଜ କିଶୋର ନାଗ ଏବଂ ନିରଞ୍ଜନ ମିଶ୍ର ମଞ୍ଚାସୀନ ହୋଇ ଉକ୍ତ ବିଷୟରେ ଆଲୋକପାତ କରିଥିଲେ। ଶେଷରେ ବିଦ୍ୟାନିକେତନ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ କୌଶିକ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଦ୍ୱାରା ପରିଚାଳନା କରଯାଇଥିଲା।

# କୋଟପାଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କୋଟପାଡ଼,୨୭।୧(ସମିସ):** କୋରାପୁଟ ଜିଲ୍ଲା ଉପାନ୍ତରେ ରହିଥିବା କୋଟପାଡ଼ ସରକାରୀ ବିଦ୍ୟାଳୟରେ ୮୦ତମ ବାର୍ଷିକ ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିବା ସହ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ କୋଟପାଡ଼ ପରିଷଦ ଅଧ୍ୟକ୍ଷ ଏମ୍ ଶଙ୍କର ରାଓ, ମୁଖ୍ୟବକ୍ତା ଭାବେ କୋଟପାଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲଳିତ ମଣ୍ଡଳ, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଶିକ୍ଷା ଅଧିକାରୀ ତିଳୋତ୍ତମା ଗରଡ଼ା ପିଲାଙ୍କୁ ବିଦ୍ୟାଳୟରେ ପ୍ରତିଦିନ ଉପସ୍ଥିତ ରହି ଭଲ ପାଠ ପଢ଼ିବା ସହ ରୂପାନ୍ତରଣ ପ୍ରକ୍ରିୟା ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ସହିତ ଉନ୍ନତମାନର ଜ୍ଞାନକୌଶଳ ଡିଜିଟାଲ ଶିକ୍ଷଣ, ଶିକ୍ଷକମାନଙ୍କ ଦକ୍ଷତା ବିକାଶ ବିଭିନ୍ନ ପଦକ୍ଷେପ ବିଭାଗ ପକ୍ଷରୁ ନିଆଯାଉଛି ବୋଲି ମତବ୍ୟକ୍ତ କରିଥିଲେ। ବିଫଳତା ହିଁ ସଫଳତାର ମାର୍ଗ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ମୋ ସ୍କୁଲ ଅଭିଯାନ ବିଦ୍ୟାଳୟର ଯୋଡ଼ି ରହିଥିବା ବିଭିନ୍ନ ରୂପାନ୍ତରଣ କାର୍ଯ୍ୟକ୍ରମ ଏକ ବଳିଷ୍ଠ ପ୍ରୟାସ ସମ୍ପର୍କରେ ଉପସ୍ଥିତ ଅତିଥିମାନେ ବିଧାୟକ, ସାଂସଦ ଶିକ୍ଷକ ସମୂହ ଏବଂ ଅଭିଭାବକ ସମସ୍ତଙ୍କ ଶତ ପ୍ରତିଶତ ସହଯୋଗ ରହିଥିବା ସହ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଅଭିଭାବକମାନେ ବିଭିନ୍ନ ସମସ୍ୟାର ଉପସ୍ଥାପନ କରିବା ସହିତ ନିୟମିତ ଅଭିଜ୍ଞ ପ୍ରଧାନଶିକ୍ଷକ ତୁରନ୍ତ ପୂରଣ କରିବା ସହ ତ୍ୱରିତ ସମାଧାନ ପାଇଁ ଅନୁରୋଧ କରିଥିଲେ। ସଭାପତି ତଥା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋକୁଳ ପାଢ଼ୀ ପ୍ରମୁଖ ନିଜ ନିଜ ବକ୍ତବ୍ୟ ପ୍ରଦାନ କରି ଡିଜିଟାଲ ଶ୍ରେଣୀକକ୍ଷ, ଆଧୁନିକ ଉପକରଣ, ଉନ୍ନତ ବିଜ୍ଞାନାଗାର, ଇ-ଲାଇବ୍ରେରୀ, ପାନୀୟଜଳ, ପରିମଳ ବ୍ୟବସ୍ଥା ସହ ଖେଳପଡ଼ିଆ, ପାଚେରି, ବଗିଚା ପ୍ରମୁଖ ଉନ୍ନତିକରଣ କରାଯାଇଥିବାରୁ ଶୈକ୍ଷିକ ପରିବେଶ ଉନ୍ନତି ଘଟିଛି ବୋଲି ମତବ୍ୟକ୍ତ କରିଥିଲେ। ବାର୍ଷିକ ଉତ୍ସବର ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ କ୍ରୀଡ଼ା ଶିକ୍ଷକ ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷା ଓ କର୍ମଚାରୀଙ୍କ ସମେତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକ, ଅଭିଭାବକ ଏବଂ ବହୁସଂଖ୍ୟକ ଛାତ୍ର ଉପସ୍ଥିତ ରହି ସହଯୋଗ କରିଥିଲେ।

# ଜାତୀୟ କନ୍ୟା ସନ୍ତାନ ଦିବସରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**ନବରଙ୍ଗପୁର,୨୭।୧(ସମିସ):** ଗୁରୁବାର ଜାତୀୟ କନ୍ୟା ସନ୍ତାନ ଦିବସ ଉପଲକ୍ଷେ ସଖୀ କେନ୍ଦ୍ର ତରଫରୁ ସ୍ଥାନୀୟ ବିଦ୍ୟାନିକେତନ ଉଚ୍ଚ ବିଦ୍ୟାଳୟଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା ମୁଖ୍ୟ ଅତିଥି, ମନୋରମା ମାଝୀ ମୁଖ୍ୟବକ୍ତା ଏବଂ ଅଧ୍ୟାପକ ଡ. ନିରଞ୍ଜନ ମିଶ୍ର ଯୋଗଦେଇଥିଲେ। ସଖୀକେନ୍ଦ୍ରର ଆଇନ ପରାମର୍ଶଦାତ୍ରୀ କିଶୋରୀ ପଟ୍ଟନାୟକ ବିଭିନ୍ନ ପ୍ରକାର ସରକାରୀ ଯୋଜନା ବେଟି ବଚାଓ ବେଟି ପଢ଼ାଓ, ଶିଶୁ ଯୌନ ଶୋଷଣ ନିୟମ, କିଶୋର ଅପରାଧ ନିୟମ ବିଷୟରେ ଶିବାନୀ ମାଡାମ ଶିକ୍ଷା, ସ୍ୱାସ୍ଥ୍ୟ ତଥା ଅଦ୍ୱିକା କାର୍ଯ୍ୟକ୍ରମଟି କିପରି ଶିଶୁକନ୍ୟାମାନଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ଜାତୀୟ କନ୍ୟା ସନ୍ତାନ ସପ୍ତାହ ପାଳନର ଲକ୍ଷ୍ୟ ବିଷୟରେ କହିଥିଲେ। ମନୋରମା ମାଝୀ ଭଲ ସ୍ପର୍ଶ, ଖରାପ ସ୍ପର୍ଶ, ଏବଂ କର୍ମ କ୍ଷେତ୍ରରେ ଯୌନ ନିର୍ଯାତନା ଆଇନ, ବାଲ୍ୟ ବିବାହ ବିଷୟରେ ଆଲୋକପାତ କରିଥିଲେ। ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଶେଷରେ ସଖୀ କେନ୍ଦ୍ରର ସ୍ୱର୍ଣ୍ଣଲତା ବାଘ ଧନ୍ୟବାଦ ଦେଇଥିଲେ।

# ବିଜ୍ଞାପିତ ଅଞ୍ଚଳ ପରିଷଦରେ କାଉନସିଲ ବୈଠକ

**ଗୁଡ଼ାରୀ,୨୭।୧(ସମିସ):** ବିଜ୍ଞାପିତ ଅଞ୍ଚଳ ପରିଷଦରେ ନୂତନ ବର୍ଷର ପ୍ରଥମ କାଉନସିଲ ବୈଠକ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନଗରର ଅଧ୍ୟକ୍ଷା ସରମିତ ଶବର, ଏନଏସି ଭାଇସ୍ ଚେୟାରମ୍ୟାନ ଡି. ଓଗେଷା ସମସ୍ତ ୧୧ଟି କାଉନସିଲ ତଥା ଏନଏସିର ସମସ୍ତ କର୍ମଚାରୀ ଓ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ସୁବାଷ ଗୌଡ଼ ଉପସ୍ଥିତ ଥିଲେ। ସହରର ପରିମଳ ଉପରେ ବିଚାର ବିମର୍ଷ କରାଯାଇଥିଲା। ପ୍ରତ୍ୟେକ ୱାର୍ଡର ସଫେଇ ସମସ୍ୟା କେମିତି ଦୂର ହୋଇପାରିବ ସେ ଉପରେ କାଉନସିଲରମାନେ ନିଜ ନିଜ ମତ ପ୍ରକାଶ କରିଥିଲେ। ସମସ୍ତ କାର୍ଯ୍ୟ ଆଗାମୀ ଦିନରେ ସମ୍ପୂର୍ଣ୍ଣ କରିବା ପାଇଁ ଚିଠା ପ୍ରସ୍ତୁତ କରାଯାଇଛି।

# ବ୍ଲକ୍‌ସ୍ତରୀୟ ଜନଜାତି ସାଂସ୍କୃତିକ ଉତ୍ସବ



**କୋଲନରା,୨୭।୧(ସମିସ):** ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ୍ ସଦର ମିନି ଷ୍ଟାଡିୟମଠାରେ ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ଉତ୍ସବ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର ଦାସ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୁସୂୟା ମାଝୀ, ଉପାଧ୍ୟକ୍ଷ ବନମାଳୀ କାଡ୍ରାକା, କୋରାପୁଟ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଲତା ରାୟ, ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ସଂଯୋଜକ ପି. ଗୋରୀ ଶଙ୍କର, ବ୍ଲକ୍ ଅଧ୍ୟକ୍ଷା ସଞ୍ଜୁକ୍ତା କୁଲେସିକା, ଜିଲ୍ଲା ପରିଷଦ ସଭ୍ୟ ଇପିଲି ଧବଳେଶ୍ୱର ନାଇଡୁ, ବ୍ଲକ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଭ୍ୟ ଏଙ୍କେଟି ହୁଇକା ପ୍ରମୁଖ ଯୋଗଦେଇଥିଲେ। ବ୍ଲକର ସମସ୍ତ ନିର୍ବାଚିତ ପ୍ରତିନିଧି, ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡ ସଭ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କୋଲନରା ସଦର ପଞ୍ଚାୟତର ମଦନପୁର ଗ୍ରାମଠାରୁ ପାରମ୍ପରିକ ନୀତି ଅନୁଯାୟୀ ଜାନି ଓ ବେଜୁଣିମାନଙ୍କ ଦ୍ୱାରା ଧରଣୀ ପେନୁଙ୍କୁ ପୂଜା କରାଯାଇ ଏକ ଶୋଭାଯାତ୍ରାରେ କଳସ ଓ ଛତ୍ରକୁ ନେଇ ସାଂସ୍କୃତିକ ଉତ୍ସବ ମଣ୍ଡପରେ ସ୍ଥାପନ କରାଯାଇଥିଲା। ମନ୍ତ୍ରୀ ଶ୍ରୀ ସାରକା ଏଠାରେ କରାଯାଇଥିବା ବିଭିନ୍ନ ବିଭାଗର ଷ୍ଟଲ୍ ଉଦଘାଟନ କରିବା ସହ ଷ୍ଟଲଗୁଡ଼ିକ ବୁଲି ଦେଖିଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ବିଭିନ୍ନ ଗ୍ରାମର ଆଦିବାସୀ କଳାକାରମାନେ ନିଜ ପାରମ୍ପରିକ କଳା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସାଂସ୍କୃତିକ କମିଟି ଅଧ୍ୟକ୍ଷା ତଥା ବିଡିଓ ରୀନା ପ୍ରଧାନ ପରିଚାଳନା କରିଥିବାବେଳେ ସିଆରସିସି ପ୍ରଦୀପ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ବିଚାରକ ଭାବେ ରାୟଗଡ଼ା ବ୍ଲକ୍ କଳା ସାଂସ୍କୃତିକ ସଂଗଠନର ଉପ ସଭାପତି ସନ୍ତୋଷ ତାଣ୍ଡି ଓ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର ନୃତ୍ୟ ନିର୍ଦ୍ଦେଶକ ଗୁପ୍ତେଶ୍ୱର ଶିକ୍କା ଯୋଗଦେଇଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ଲକ୍ଷ୍ମୀ ନାରାୟଣ ପାତ୍ର, ଆକାଉଣ୍ଟସ ଅଫିସର ଗଣେଶ୍ୱର ଭଞ୍ଜ, ସେକ୍ସନ ଅଫିସର ବାଳକୃଷ୍ଣ ରଥ, ଜିପିଇଓ ଅନୀଲ କୁମାର ଗମାଙ୍ଗ, ବିଏସଏସଓ ପ୍ରଭାତ କୁମାର ଶବର, ଡବ୍ଲ୍ୟୁଇଓ ଦେବାଶିଷ ମୁଣ୍ଡ, ଆର ଡବ୍ଲ୍ୟୁଏସଏସ ଯନ୍ତ୍ରୀ ସୁଭଦର୍ଶନୀ ପଟ୍ଟନାୟକ, ଏପିଓ ସୁମିତ୍ରା ପାଣିଗ୍ରାହୀ, ମିଶନ ଶକ୍ତି ବିପିସି ପ୍ରତାପ ନାଏକ, ଓଏଲଏମ ବିପିଏମ ଟୁନା ଖଟେଇ ସମେତ ବ୍ଲକର ବିଭିନ୍ନ ବିଭାଗର ଯନ୍ତ୍ରୀ, ପିଇଓ, ଜିଆରଏସ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ‘ଆମ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ ଓ ସଚେତନତା ଶିବିର

**ରାମନାଗୁଡ଼ା,୨୭।୧(ସମିସ)**

ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ ପାରିଖିତି ଆଶ୍ରମ ବିଦ୍ୟାଳୟ ପରିସରରେ ‘ଆମ ଓଡ଼ିଶା ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ରାମନାଗୁଡ଼ା ବ୍ଲକ ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ପାରାଖିତି ସରପଞ୍ଚ ସୂର୍ଯ୍ୟରାଓ କୁମ୍ବ୍ରିକା, ସମିତି ସଭ୍ୟା ଲକ୍ଷ୍ମୀ କାଡ୍ରାକାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ୧୨ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟସଭ୍ୟା, ସ୍ଥାନୀୟ ବିଜେଡି ନେତା ଓ କର୍ମୀ ପ୍ରମୁଖ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରି ଶିବିର କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି



ନିଜନିଜ ବିଭାଗ ସମ୍ପର୍କିତ କାର୍ଯ୍ୟଗୁଡ଼ିକୁ ଶିବିରରେ ଅଂଶଗ୍ରହଣ କରିଥିବା ଲୋକମାନଙ୍କୁ ସଚେତନତା କରିଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ରାମନାଗୁଡ଼ା ଅଙ୍ଗନବାଡ଼ି କେନ୍ଦ୍ର ଅଧୀନସ୍ଥ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। ଏଥିରେ ସମନ୍ୱିତ ଶିଶୁ ବିକାଶ ଯୋଜନା, ମିଶନଶକ୍ତି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରାମନାଗୁଡ଼ା ପକ୍ଷରୁ ସଚେତନତାମୂଳକ ଷ୍ଟଲ ଖୋଲାଯାଇ ଥିବାବେଳେ ମିଶନଶକ୍ତି ଷ୍ଟଲରେ ସ୍ୱୟଂ ସହାୟିକ ଗୋଷ୍ଠୀଗୁଡ଼ିକ ଦ୍ୱାରା ପାରମ୍ପରିକ ପିଠା ଆଦି ପ୍ରସ୍ତୁତ କରି ପ୍ରଦର୍ଶିତ କରାଯାଇଥିଲା। ସେହିପରି ଜିଞ୍ଜିରିବାଡ଼ିର ଜୟ ମାତାଜି ସ୍ୱୟଂ ସହାୟିକ ଗୋଷ୍ଠୀର ମହିଳାମାନେ ଷ୍ଟ୍ରବେରୀ ଚାଷ କରି ସ୍ୱାବଲମ୍ବୀ ହୋଇଥିବାରୁ ସେମାନଙ୍କୁ ମାନପତ୍ର ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଖାମ୍ବାଗୁଡ଼ାର ଓମ୍ ଶାନ୍ତି ସ୍ୱୟଂ ସହାୟିକ ଗୋଷ୍ଠୀ ମହିଳାମାନେ ଛେଳି ଚାଷ ଏବଂ କଣ୍ଡାଜାମର ଗାୟତ୍ରୀ ସ୍ୱୟଂ ସହାୟିକ ଗୋଷ୍ଠୀ ମହିଳାମାନେ ଫୁଲଝାଡୁ ଚାଷ କରି ସ୍ୱାବଲମ୍ବୀ ହୋଇଥିବାରୁ ସେମାନଙ୍କୁ ମାନପତ୍ର ସହ ପୁରସ୍କାର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପକ୍ଷରୁ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟରେ ପାରିଖିତି ପୋଖରୀ ଉନ୍ନତିକରଣ, ଲିଙ୍ଗରାଇ ପୋଖରୀ ଉନ୍ନତିକରଣ, ଜିଞ୍ଜିରିବାଡ଼ିରେ ଷ୍ଟ୍ରବେରୀ ଚାଷ ଆଦି କରାଯାଇଥିବା ନେଇ ଉପସ୍ଥିତ ଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୃତ୍ୟୁଞ୍ଜୟ ଶତପଥୀ ମଞ୍ଚ ପରିଚାଳନା କରିଥିଲେ।

## ଜିଲ୍ଲାସ୍ତରୀୟ ୭୫ତମ ଗଣତନ୍ତ୍ର ଦିବସ ପାଳିତ

# ଜିଲ୍ଲାକୁ ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ: ଜିଲ୍ଲାପାଳ

ରାୟଗଡ଼ା,୨୭।୧(ସମିସ)

ରାୟଗଡ଼ା ଜିଲ୍ଲା ସଦର ମହକୁମା ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଦେବ ଜିଲ୍ଲା ହାଇସ୍କୁଲ ପଡ଼ିଆଠାରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ୭୫ତମ ଗଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ରାୟଗଡ଼ା ଜିଲ୍ଲାପାଳ ସ୍ୱାଧାଦେବ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରି ଜିଲ୍ଲାବାସୀଙ୍କୁ ଉଦବୋଧନ ଦେଇ ସମବେତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା ଉପସ୍ଥିତ ଥିଲେ। ଦେଶର ଗଣତନ୍ତ୍ରକୁ ବଜାୟ ରଖିବା ପାଇଁ



ସମସ୍ତଙ୍କର ସହଯୋଗ ଓ ସମର୍ଥନର ଆବଶ୍ୟକତା ରହିଛି। ଦେଶକୁ ସ୍ୱାଧୀନତା ଆଣିବାରେ ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କ ସଂଘର୍ଷ ଓ ବଳିଦାନ ଦେଶକୁ ଗଣତନ୍ତ୍ର ରାଷ୍ଟ୍ରରେ ପରିଣତ କରିପାରିଥିଲା। ଦେଶକୁ ତଥା ରାଜ୍ୟ ଓ ଜିଲ୍ଲାକୁ କେମିତି ଭାବେ ଆହୁରି ଆଗକୁ ନେବା ସେଥିପାଇଁ ସମସ୍ତ ନାଗରିକଙ୍କ ନିଜ ନିଜ ଦାୟିତ୍ୱ ରହିଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଜିସିଡି ପଡ଼ିଆଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଗଣତନ୍ତ୍ର ଦିବସ ପାଳନରେ ଅନୁଷ୍ଠିତ ପରେଡରେ ଚଳିତ ବର୍ଷ ୩୨ଟି ଟ୍ରୁପ୍ ସାମିଲ ହୋଇଥିବାବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରି ପ୍ରଶଂସନୀୟ ହୋଇ ଜିଲ୍ଲାକୁ ଗୌରବାନ୍ୱିତ କରିଥିବା ରୋହିତ ନାୟକ, ବିପିନ ମାଝି, ରତିରାମ ଗୌଡ଼, ରୀତାରାଣୀ ମିଶ୍ର, ସାହିଲ ରଥ, ଅର୍ପିତା ପାଢ଼ୀ, ସୀମା ଓ ରାମ୍, ସିଦ୍ଧାର୍ଥ ପୃଷ୍ଟି, ସତ୍ୟପ୍ରସାଦ ଗୌଡ଼, ନୁପୂର କାଣ୍ଡା, ଆଦ୍ୱିତ ମହାପାତ୍ର ଓ ଅନ୍ୱେଷା ଭଳି ବ୍ୟକ୍ତିବିଶେଷଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ସେହିପରି ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କାର ବିତରଣ କରାଯାଇଥିଲା। ଗଣତନ୍ତ୍ର ଦିବସ ପାଳନ ଅବସରରେ ଅନୁଷ୍ଠିତ ବିଦ୍ୟାଳୟସ୍ତରୀୟ ଶୋଭାଯାତ୍ରାରେ ଷ୍ଟେଟ୍ ବ୍ରିଗେଡ୍ ସୈନିକ ସ୍କୁଲ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ରାୟଗଡ଼ା ଦ୍ୱିତୀୟ ଏବଂ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗାୟତ୍ରୀ ନଗରକୁ ତୃତୀୟ ସ୍ଥାନ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଅନୁଷ୍ଠିତ ପରେଡରେ ବରିଷ୍ଠ ଏନସିସି ବର୍ଗରେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରଥମ ଓ ମହିଳା ମହାବିଦ୍ୟାଳୟ ଦ୍ୱିତୀୟ ପୁରସ୍କାର ପାଇଥିବାବେଳେ କନିଷ୍ଠ ଏନସିସି ବର୍ଗରେ ଜିସିଡି ହାଇସ୍କୁଲ ଏୟାରୱିଙ୍ଗ ପ୍ରଥମ ଏବଂ ଇଏମଆରଏସ୍ ଏନସିସି ବାଳକଙ୍କୁ ଦ୍ୱିତୀୟ ସ୍ଥାନରେ ପୁରସ୍କୃତ କରାଯାଇଥିଲା। ଏଥିସହ ସ୍କାଉଟ୍ସ, ୟୁଥ ରେଡକ୍ରସ, ଜୁନିୟର ରେଡକ୍ରସ, ସିନିଅର ସିଭିଲିୟାନ୍ସ ବର୍ଗରେ ମଧ୍ୟ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଟ୍ରୁପ୍‌ଙ୍କୁ ଜିଲ୍ଲାପାଳଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ସ୍ଥାନୀୟ ସେବା ସମାଜ ଅନାଥାଶ୍ରମ, ସଦର ମୁଖ୍ୟ ଚିକିତ୍ସାଳୟ, ଜିଲ୍ଲା କାରାଗାର, ସ୍ୱାଧାର ଗୃହ ଓ ବରିଷ୍ଠ ନାଗରିକ ସେବାଗୃହ ଅନ୍ତେବାସୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାମେଶ୍ୱର ପ୍ରଧାନ, ଭାସ୍କର ଚନ୍ଦ୍ର ରଇତ, ସିଡିଇଓ ଜିଲ୍ଲା ପରିଷଦ ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଅତିରିକ୍ତ ଏସପି ବିଷ୍ଣୁ ପ୍ରସାଦ ପାତ୍ର, ଅମୂଲ୍ୟ କୁମାର ଧର, ଏସଡିପିଓ ରଶ୍ମିରଞ୍ଜନ ସେନାପତିଙ୍କ ସମେତ ଅନ୍ୟ ଜିଲ୍ଲାସ୍ତରୀୟ ପ୍ରଶାସନିକ ଓ ପୁଲିସ ଅଧିକାରୀ ଉପସ୍ଥିତ ରହିଥିବାବେଳେ ରାୟଗଡ଼ା ପୌରାଧ୍ୟକ୍ଷ ପି.ମହେଶ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ଦେବାଶିଷ ଖାଡ଼ଙ୍ଗାଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାୟଗଡ଼ା ବସନ୍ତ କୁମାର ପ୍ରଧାନ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କାର୍ଯ୍ୟାଳୟ ତରଫରୁ ପ୍ରାତଃ ୫ଟା ସମୟରେ ରାମଧୂନ ପ୍ରଚାର କରାଯାଇଥିଲା।

## ● ଗୁଡାରୀ

ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଗତ ଶୁକ୍ରବାର ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଦିବାକର ରଥ ଏବଂ ଗୋପିନାଥ ଗୌଡ଼ ଉପସ୍ଥିତ ରହି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏସଏସଡି



ହାଇସ୍କୁଲର ଛାତ୍ରୀମାନେ ଜାତୀୟ ସଂଗୀତ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ସନ୍ତୋଷ ମହାନ୍ତି, ଜିଲ୍ଲା ବିଜେଡି ୟୁଥ ଉପସଭାପତି କେଦାର ସାହୁ, ସମ୍ପାଦକ ଏମ୍.ପ୍ରସାଦା, ସାଧାରଣ ସମ୍ପାଦକ ସୁବାସ ଗୌଡ଼ (ଟୁନା), ବ୍ଲକ୍ ଭାଇସ୍ ଚେୟାରମ୍ୟାନ ବିଶ୍ୱନାଥ ଶବର, ବିଜେଡି ବରିଷ୍ଠ କର୍ମୀ ଦିଲ୍ଲୀପ ସେଠୀ, ସୁଜୟ ପଟ୍ଟନାୟକ, ଶୁଶିଲ ଗୁରୁ, ଈଶ୍ୱର ପାଣିଗ୍ରାହୀ, ସଦା ପାଣିଗ୍ରାହୀ, ଚନ୍ଦ୍ର ପଣ୍ଡା, ନିନୁ ମିଶ୍ର, ଗୌରୀଶଙ୍କର ମିଶ୍ର ଉପସ୍ଥିତ ଥିଲେ। ଉପସଭାପତି ସନ୍ତୋଷ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ● ବିଷମ କଟକ

ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ବିଭିନ୍ନ ସହରଠାରୁ ପଲ୍ଲୀ ପର୍ଯ୍ୟନ୍ତ ବେଶ୍ ଧୁମଧାମରେ ସାଧାରଣତନ୍ତ୍ର ଦବସ ପାଳିତ ହୋଇଯାଇଛି। ଏ ଅବସରରେ ବିଷମ କଟକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ମିନି ଷ୍ଟାଡିୟମ ପଡ଼ିଆରେ ସାମୂହିକ ପତାକା ଉତ୍ତୋଳନ ଓ ପରେଡ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ୮ଟି ଦଳ ପରେଡରେ ଭାଗ ନେଇଥିବାବେଳେ ସ୍ଥାନୀୟ ତହସିଲଦାର କେ. ଭେଙ୍କଟେଶ୍ୱର ରେଡ୍ଡି ପତାକା ଉତ୍ତୋଳନ କରିବା ସହ



ଅଭିବାଦନ ଗ୍ରହଣ କରିଥିଲେ। ଏ ଅବସରରେ ମା' ମାର୍କମା ମହାବିଦ୍ୟାଳୟ ଏନସିସିର ଟ୍ରୁପ୍ ପ୍ରଥମ ହୋଇଥିବାବେଳେ ନ୍ୟୁ ଲାଇଫ ଇଂରାଜୀ ବିଦ୍ୟାଳୟ ଦ୍ୱିତୀୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ହାଟମୁନିଗୁଡ଼ା ଜେଆରସି ତୃତୀୟ ସ୍ଥାନରେ ରହି ପୁରସ୍କୃତ ହୋଇଛନ୍ତି। ପରେଡ୍ ଅଭିବାଦନ ପରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ତହସିଲ କାର୍ଯ୍ୟାଳୟ ତରଫରୁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଚିତ୍ରାଙ୍କନ, ବକ୍ତୃତା, ସଂଗୀତ, ରଚନା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରଯାଇଥିଲା। ପତାକା ଉତ୍ତୋଳନ ଦିବସରେ ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ, ଖ୍ରୀଷ୍ଟିଆନ ହସ୍ପିଟାଲ ଅଧ୍ୟକ୍ଷ ଡ. ସୁନୀଲ ଜୀବନମଲ, ମା' ମାର୍କମା ଯୁକ୍ତ ତିନି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଅଶ୍ୱିନୀ ପଣ୍ଡା, ଯୁକ୍ତ ଦୁଇ ମହାବିଦ୍ୟାଳୟର ଅଧ୍ୟାପକ କ୍ୟାପ୍ଟେନ ବି.ରବିଶଙ୍କର, ବ୍ଲକ୍ ଯୋଗାଣ ଅଧିକରୀ ଦେବଦତ୍ତ ଲେଙ୍କା, ବ୍ଲକ୍ ଶିକ୍ଷା ଅଧିକାରୀ ନବୀନ ଚନ୍ଦ୍ର ଖୁରା ଉପସ୍ଥିତ ଥିଲେ।

## ● ପଦ୍ମପୁର

ରାୟଗଡ଼ା ଜିଲ୍ଲାର ପଦ୍ମପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପଦ୍ମପୁର ବ୍ଲକ୍ ଅଫିସଠାରେ ବ୍ଲକ୍ ଅଧ୍ୟକ୍ଷ ମଣିମାଳା ଶବର ପତାକା ଉତ୍ତୋଳନ କରିଥିବାବେଳେ ପଦ୍ମପୁର ବିଜୟାନନ୍ଦ ହାଇସ୍କୁଲଠାରେ ପ୍ରଧାନଶିକ୍ଷକ ହୃଷୀକେଶ ରଥ, ବ୍ଲକ୍ ଶିକ୍ଷା ବିଭାଗର ଅଫିସଠାରେ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ଶବର, ପଦ୍ମପୁର ବ୍ଲକସ୍ତରୀୟ ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ୍ କୁମାର ମିଶ୍ର, ପଦ୍ମପୁର ପଞ୍ଚାୟତ ଅଫିସଠାରେ ସରପଞ୍ଚ ପ୍ରକାଶ କଣ୍ଡାଗିରି, ପଦ୍ମପୁର ସିଭିଲ ଜଜ୍ କୋର୍ଟ (ଜୁନିଅର) ଠାରେ ଶୁଭଙ୍କର ମହାନ୍ତି, ପଦ୍ମପୁର ମିଶନ ଶକ୍ତି ତରଫରୁ ଉପାଧ୍ୟକ୍ଷ ରମେଶ ସାହୁ, ପଦ୍ମପୁର ଅଭ୍ୟାସ ଟେକ୍ନ ସ୍କୁଲରେ ଟ୍ରଷ୍ଟ ମେମ୍ବର ଜିତେନ୍ଦ୍ର ଜେନା, ଆର୍ଯ୍ୟାନ୍



ସ୍କୁଲ ତରଫରୁ ଡାକ୍ତର ବିକାଶ ଦଳେଇ, ଗୁଡ଼ିଆବନ୍ଧ ବସନ୍ତଦେବୀ ବିଦ୍ୟାପୀଠ ହାଇସ୍କୁଲରେ ପ୍ରଧାନଶିକ୍ଷକ ହରିଶରଣ ଦାସ, ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅମ୍ବୁଜ କୁମାର ମୁଦୁଲି, ପଦ୍ମପୁର ଆରଜି କଲେଜରେ ଅଧ୍ୟାପିକା ସଂଯୁକ୍ତା ପାଣିଗ୍ରାହୀ, ପଦ୍ମପୁର ଅଗ୍ନିଶମ ବିଭାଗରେ ଷ୍ଟେସନ ଅଫିସର୍ ଶିଶିର କୁମାର ବେହେରା, ପଦ୍ମପୁର ତ୍ରିବେଣୀ ସାଇନ୍ସ ଓ ତ୍ରିବେଣୀ କଳା ମହାବିଦ୍ୟାଳୟରେ ସଭାପତି ବିପିନ ବିହାରୀ ଜେନା, ସନସାଇନ୍ସ ପବ୍ଲିକ ସ୍କୁଲରେ ଡାକ୍ତର ଅରୁଣ କୁମାର ମାନସିଂ, ପଦ୍ମପୁର ଶିକ୍ଷ ତାଲିମ କେନ୍ଦ୍ରଠାରେ ପ୍ରବୀଣ ନାୟକ, ଖିଲାମଣ୍ଡା ବାଳିକା ବିଦ୍ୟାଳୟଠାରେ ସଭାପତି ରଞ୍ଜନ କୁମାର ଶବର, ପଦ୍ମପୁର ଉପରଜୁମୁରୁଗୁଡା ଉପ୍ରା ବିଦ୍ୟାଳୟଠାରେ ହରିକୃଷ୍ଣ ରାମନାଥ ଶବର, ପଦ୍ମପୁର ଆଇଡିଏଲ ପବ୍ଲିକ ସ୍କୁଲରେ ଗଦାଧର ପାଣିଗ୍ରାହୀ, ପଦ୍ମପୁର ଥାନା ତରଫରୁ ଆଇଆଇସି ରଞ୍ଜନ କୁମାର ମାଝୀ, ଗୁମୁଡ଼ା ପୁଲିସ ଫାଣ୍ଡି ତରଫରୁ ଏସ୍ଆଇ ବସନ୍ତ କୁମାର ବେହେରାଙ୍କ ସହ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଖୁବ୍ ଧୁମଧାମରେ ପାଳିତ ହୋଇଯାଇଛି।

## ● କୋଲନରା

କୋଲନରା ବ୍ଲକ୍ ତଥା ଏହାର ଆଖପାଖ ଅଞ୍ଚଳରେ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ସମସ୍ତ ସରକାରୀ କାର୍ଯ୍ୟାଳୟ,



ସ୍କୁଲ, କଲେଜ ଓ ବେସରକାରୀ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଏହି ଅବସରରେ ଅମଳାଭଟ୍ଟାସ୍ଥିତ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ଜେକେପୁର ସହର ପରିକ୍ରମା କରିବା ସହ କାର୍ଯ୍ୟାଳୟ ପରିସରରେ ପତାକା ଉତ୍ତୋଳନ କରାଯାଇଥିଲା। ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଓ ଗ୍ରାମ ପଞ୍ଚାୟତ ମୁଖ୍ୟାଳୟରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରାଯାଇଥିଲା।

## ● ଗୁଣୁପୁର

ଗୁଣୁପୁର ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗୁଣୁପୁର ଉପଜିଲ୍ଲାପାଳ ଲଳିତ କୁମାର କହଁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ।



ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତଙ୍କ ପାଇଁ ସମ୍ବିଧାନ ଏକ ମହତ୍ୱପୂର୍ଣ୍ଣ ହୋଇଛି ବୋଲି ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ କହିଥିଲେ। ଆୟୋଜିତ ପରେଡରେ ପ୍ରଥମ ସ୍ଥାନ ବାଳିକା ଏନସିସି ଗାନ୍ଧୀ ପବ୍ଲିକ ସ୍କୁଲ, ଦ୍ୱିତୀୟ ବାଳକ ଏନସିସି ସରକାରୀ ଉଚ୍ଚ ବିଦ୍ୟାଳୟ, ସିଭିଲିଆନରେ ପ୍ରଥମ ବାଳିକା ସିଭିଲିଆନ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଦ୍ୱିତୀୟ ବାଳିକା ସିଭିଲିଆନ, ବିଦ୍ୟାନିକେତନ ପବ୍ଲିକ ସ୍କୁଲ, ମାସ ଡ୍ରିଲରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଥମ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମରେ ଦ୍ୱିତୀୟ ଭାରତୀୟ ସଂରକ୍ଷିତ ବାହିନୀ କମାଣ୍ଡାଣ୍ଟ ବ୍ରଜ ମୋହନ ନାୟକ, ଡେପୁଟି କମାଣ୍ଡାଣ୍ଟ ବିଧୁଭୂଷଣ ଉଦଗାତ, ଗୋପବନ୍ଧୁ ତ୍ରିପାଠୀ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଦୀପକ କୁମାର ଦେହୁରୀ, ପ୍ରକଳ୍ପ ପ୍ରଶାସକ ଶାନ୍ତିପ୍ରଭା ପ୍ରଧାନ, ତହସିଲଦାର ଲୀଳାବତି ଅଚାର୍ଯ୍ୟୀ, ଡେପୁଟି କଲେକ୍ଟର ଅତିରିକ୍ତ ତହସିଲଦାର ଅଂଶୁମାନ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଦୀପ୍ତି ରଞ୍ଜନ ସାମଲ ପରେଡ୍ ପରିଚାଳନା କରିଥିବାବେଳେ ଦୀପକ କୁମାର ଭୋଳ ସହଯୋଗ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରମାକାନ୍ତ ମିଶ୍ର, ଗୌତମ ମଦେଲି, କମଳାକାନ୍ତ ଖୁଣ୍ଟିଆ, ଅନନ୍ତ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ● ମୁନିଗୁଡ଼ା

ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ଅଞ୍ଚଳରେ ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନମାନଙ୍କରେ ୭୫ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳନ ହୋଇଯାଇଛି। ମୁନିଗୁଡ଼ା ବ୍ଲକ୍ ଅମ୍ବାଦଳା ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଗୋବିନ୍ଦ ଶବର ପତାକା ଉତ୍ତୋଳନ କରିଥିବାବେଳେ ଅମ୍ବାଦଳା ସାମନ୍ତ ମହାବିଦ୍ୟାଳୟଠାରେ ପରିଚାଳନା କମିଟିର ଅଧ୍ୟକ୍ଷ ରମେଶ ସାମନ୍ତ, ଅମ୍ବାଦଳା ସେବାଶ୍ରମରେ ପ୍ରଧାନଶିକ୍ଷୟିତ୍ରୀ ପି. ଲଳିତା କୁମାରୀ ପତାକା ଉତ୍ତୋଳନ କରିଥିଲେ। ସେହିପରି ଅଞ୍ଚଳର ଇନ୍ଦିରା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ, ରଘୁବାରି, ଡିମିରିଗୁଡ଼ା, ବାଲିଯୋଡ଼ି ସେବାଶ୍ରମ, ରାଣିପିଣ୍ଡା,



ଇଚ୍ଛାପୁର, ଜଗଦଲପୁର, ସରଧାପୁର, ଘମଟଗୁଡ଼ା ଆଦି ବିଦ୍ୟାଳୟ, ଅମ୍ବାଦଳା ସରସ୍ୱତୀ ଶିଶୁ ମନ୍ଦିର, ଶ୍ରୀମା ଅରବିନ୍ଦ ଶିକ୍ଷାକେନ୍ଦ୍ରରେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଶିକ୍ଷୟିତ୍ରୀମାନେ ପତାକା ଉତ୍ତୋଳନ କରିଥିବା ଦେଖିବାକୁ ମିଳିଥିଲା। ସେହିପରି ଅମ୍ବାଦଳା ଥାନା ସମେତ ଅଞ୍ଚଳର ସମସ୍ତ ପଞ୍ଚାୟତ, ଅମ୍ବାଦଳା ସମବାୟ ସମିତିଠୁ ଆରମ୍ଭ କରି ସମସ୍ତ ବ୍ୟାଙ୍କ କର୍ମଚାରୀ ମଧ୍ୟ ପତାକା ଉତ୍ତୋଳନ କରିଥିଲେ। ଅଞ୍ଚଳରେ ଥିବା ବିଭିନ୍ନ ସଂଗଠନ ଓ କ୍ଲବ୍ ଯେପରିକି ଛତ୍ରପତି ଶିବାଜୀ କ୍ଲବ, ଡ.ଭୀମରାଓ ଆମ୍ବେଦକର କ୍ଲବ, ସ୍ୱାମୀ ବିବେକାନନ୍ଦ କ୍ଲବ, ଆମ୍ବେଦକର ଷ୍ଟାଚ୍ୟୁ କମିଟି, ନେତାଜୀ କ୍ଲବମାନଙ୍କରେ ପତାକା ଉତ୍ତୋଳନ କରାଯାଇଥିଲା। ଅମ୍ବାଦଳା ଥାନା ପରିସରରେ ଥାନା ଅଧିକାରୀ କଳ୍ପନା ବେହେରା ପତାକା ଉତ୍ତୋଳନ କରିଥିବାବେଳେ ଅମ୍ବାଦଳା ବନପାଳଙ୍କ କାର୍ଯ୍ୟାଳୟରେ ବନପାଳ ସୁରେଶ ଚନ୍ଦ୍ର ପାତ୍ରଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ସେହିପରି ଆମ୍ବାଦଳା ଓଡ଼ିଶା ଡ୍ରାଇଭର ମହାସଂଘ ସଭାପତି ଅଭିରାମ ଦଣ୍ଡସେନାଙ୍କ ଆୟୋଜନ ଓ ସମସ୍ତ ଡ୍ରାଇଭରଙ୍କ ସହଯୋଗରେ ଅମ୍ବାଦଳା ଲକ୍ଷ୍ମୀପୂଜା ପଡ଼ିଆଠାରେ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଅମ୍ବାଦଳା ଥାନା ଅଧିକାରୀ କଳ୍ପନା ବେହେରା, ସମ୍ମାନିତ ଅତିଥି ଭାବେ ଏସଆଇ ସେଠୀ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ।

## ● କଲ୍ୟାଣସିଂହପୁର

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ସାଧାରଣ ତନ୍ତ୍ର ଦିବସ ପାଳନ କରାଯାଇଛି। ବ୍ଲକରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ହେଲେ ଫୁଲତୋଡ଼ାରେ ଫେଣ୍ଡାଲ ଭାସିବ, ହେଲେ ସାଧାରଣତନ୍ତ୍ର ଦିବସ ଅବସରରେ ଜାତୀୟ ପିତା ମହାତ୍ମା ଗାନ୍ଧୀ ଓ ଡ. ଆମ୍ବେଦକରଙ୍କ ଫଟୋରେ ବିନା ଫୁଲ ଓ ବିଳମ୍ବରେ ପତାକା



ଉତ୍ତୋଳନ କରାଯାଇଛି। ୯ଟା ପରିବର୍ତ୍ତେ ୧୦ଟା ପରେ ପତାକା ଉତ୍ତୋଳନ କରିଥିଲେ। ଜାତୀୟ ପିତାଙ୍କ ଉପରେ ଫୁଲ ଖଣ୍ଡେ ନ ପଡ଼ିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ବିଡିଓ ରାଜୀବ ଦାସଙ୍କୁ ସାଧାରଣ ଲୋକମାନେ ପଚରାଉଚରା କରିଥିଲେ ମଧ୍ୟ ସେ କୌଣସି ଉତ୍ତର ଦେଇପାରି ନ ଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ଏମ୍ଭିତା କାଡ୍ରାକା ଅତିଥି, ସହକାରୀ ଯନ୍ତ୍ରୀ ସବ୍ୟସାଚୀ ନାୟକ, କଳାକାର ସଙ୍ଘର ଉପସଭାପତି ସନ୍ତୋଷ ବଛା, ବ୍ଲକ୍ ପ୍ରଶାସନ, କଲ୍ୟାଣସିଂହପୁର ଆଖପାଖ ବିଦ୍ୟାଳୟର ଛାତ୍ରଛାତ୍ରୀ ସମେତ ଶିକ୍ଷକଶିକ୍ଷୟିତ୍ରୀ ଓ ବ୍ଲକ୍ ପ୍ରଶାସନ ଉପସ୍ଥିତ ଥିଲେ।

## ● ରାମନାଗୁଡ଼ା

ରାୟଗଡ଼ା ଜିଲ୍ଲାର ସମସ୍ତ ବ୍ଲକରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ, ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିବାବେଳେ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସହ ଶିକ୍ଷାନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସେହିପରି ଜିଲ୍ଲାର ବିଭିନ୍ନ ରାଜନୈତିକ ଦଳୀୟ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି। ରାମନାଗୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳଙ୍କ ଦ୍ୱାରା ପତାକା



ଉତ୍ତୋଳନ କରାଯାଇଥିବାବେଳେ ତହସିଲ କାର୍ଯ୍ୟାଳୟରେ ତହସିଲଦାର ନିର୍ମଳ ଚନ୍ଦ୍ର ସାହୁ ପତାକା ଉତ୍ତୋଳନ କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଗୋଷ୍ଠୀ ଶିକ୍ଷାଧିକାରୀ ସୁଜନ ମଲ୍ଲିକ, ରାମନାଗୁଡ଼ା ଥାନାରେ ଥାନାଧିକାରୀ ସୁନିତା ବେହେରା ଏବଂ ପାରାକ୍ଷିତି ପଞ୍ଚାୟତରେ ସମିତିସଭ୍ୟା ଲକ୍ଷ୍ମୀ କାଡ୍ରାକା, ନିକଟସ୍ଥ ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ଥାନୀୟ ଜନସାଧାରଣ, ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ଉପସ୍ଥିତିରେ ପାରାକ୍ଷିତି ସରପଞ୍ଚ ସୂର୍ଯ୍ୟରାଓ କୁମ୍ବିକା ପତାକା ଉତ୍ତୋଳନ କରିଥିଲେ। ସମିତିସଭ୍ୟା ଲକ୍ଷ୍ମୀ କାଡ୍ରାକା, ପାରାକ୍ଷିତି ପଞ୍ଚାୟତ ନିର୍ବାହୀ ଅଧିକାରୀ ନରହରି ଦାଶ, ନିକଟସ୍ଥ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଗମାଙ୍ଗ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସ୍ୱାତୀ ତ୍ରିପାଠୀ, ଗ୍ରାମ୍ୟ ରୋଜଗାର ସେବକ ଦିଲ୍ଲୀପ ପଣ୍ଡା, ଯୋଗାଣ ସହାୟକ ଶିବ ଶଙ୍କର ଧୋବା ଓ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବିଭିନ୍ନ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଲ୍ୟାମ୍ପ୍ସ କାର୍ଯ୍ୟାଳୟ, ସମ୍ମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା।

## ● ମୈଦଲପୁର

ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ନୂଆକୋଟ ପଞ୍ଚାୟତ ପିତାରିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଓ ପରିଚାଳନା କମିଟିଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ



ଅତିଥିଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ମଲ୍ଲିକ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ହିରାଲାଲ ବିଷୋୟୀ, ବିଦ୍ୟାଳୟ ସଭାପତି ବିଶ୍ୱମ୍ବର ବିଷୋୟୀ, ଦୁରନ ବିଷୋୟୀ, ସୁବାସ ଚନ୍ଦ୍ର ବିଷୋୟୀ ମଞ୍ଚାସୀନ ଥିଲେ। ଅଷ୍ଟମ ଶ୍ରେଣ ଛାତ୍ର ମାନସ ବିଷୋୟୀଙ୍କ ସମେତ କିଛି ଛାତ୍ରଛାତ୍ରୀ ଭାରତୀୟ ଆଇନ ପ୍ରଣୟନ କରିଥିବା ଡ. ଆମ୍ବେଦକରଙ୍କ ଜୀବନଶୈଳୀ ଓ ଭାରତ ପ୍ରତି ତାଙ୍କର ଅବଦାନ ବିଷୟରେ କହିଥିଲେ। ବୟୋଜ୍ୟେଷ୍ଠ ବ୍ୟକ୍ତି ହିରାଲାଲ ବିଷୋୟୀଙ୍କୁ ଶିକ୍ଷକ ଜଗନ୍ନାଥ ମଲ୍ଲିକ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ପରିଶେଷରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷକ ଗୌତମ ଚରଣ ସାହୁ, ସହକାରୀ ଶିକ୍ଷୟିତ୍ରୀ କେତୁକା ପୂଜାରୀ, ଚିତ୍ତରଞ୍ଜନ ବେହେରା ଓ ଡିକେଶ୍ୱର ନାୟକ ଉପସ୍ଥିତ ଥିଲେ। ବିଦ୍ୟାଳୟର ସଭାପତିଙ୍କ ସମେତ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ● ସୁନାବେଡ଼ା

କୋରାପୁଟ ଜିଲ୍ଲା ସୁନାବେଡ଼ା ସହରାଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସୁନାବେଡ଼ା ମିଗ୍ ନଗରୀ ସ୍ଥିତ ହାଲ ଷ୍ଟାଡିୟମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ହାଲ କୋରାପୁଟ ପ୍ରଭାଗର ମହାପ୍ରବନ୍ଧକ ସୁଧାଂଶୁ ମୋହନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ହାଲ ଇଞ୍ଜିନ ବିଭାଗର ଜିଏମ୍, ଶିଶିର କୁମାର ପାତ୍ର, ହାଲ ସୁଖୋଇ ପ୍ରଭାଗର ଜିଏମ୍, ଆର୍ଏମକେ ଚୌଧୁରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଗଣ ଏବଂ ହାଲର ସ୍ୱୀକୃତିପ୍ରାପ୍ତ କର୍ମଚାରୀ ସଂଘ ଏବଂ ହାଲ ଅଫିସର ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ପରେଡ୍ ପ୍ରତିଯୋଗିତାରେ ଏରୋନଟିକ୍ସ ଡିଏଭି ହାଇସ୍କୁଲର ବାଳିକା ଦଳ ପ୍ରଥମ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥିଙ୍କଠାରୁ ସିଲ୍ଡ ଓ ଟ୍ରଫି ଗ୍ରହଣ କରିଥିଲେ। ଏରୋନଟିକ୍ସ କଲେଜର ବାଳକ ଦଳ ଦ୍ୱିତୀୟ ଏବଂ ଭିଏସ୍ ବିଦ୍ୟାଳୟର ଛାତ୍ରୀ ଦଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସ୍ଥାନୀୟ ଉତ୍କଳ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି କମଳାକାନ୍ତ ବିଶୋଇ ଜାତୀୟ ପତାକା



ଉତ୍ତୋଳନ କରିଥିବାବେଳେ ସାଧାରଣ ସମ୍ପାଦକ ମାନସ କୁମାର ଦାସ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୁନାବେଡ଼ା ମୁସଲିମ କଲଚରାଲ ଆସୋସିଏସନ୍ ପକ୍ଷରୁ ସଭାପତି ଶେଖ୍ ଇବ୍ରାହିମ ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ସମ୍ପାଦକ ତୋସିଫ ଆଲାମ ଏବଂ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ସ୍ଥାନୀୟ ଭିଏସ୍ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ବିକେ ମିଶ୍ର, ଏରୋନଟିକ୍ସ କଲେଜରେ ଅଧ୍ୟକ୍ଷ ଦୀପକ ରଞ୍ଜନ ଦାସ, ଏଡିଏଭି ହାଇସ୍କୁଲରେ ପ୍ରଧାନଶିକ୍ଷକ ପିକେ ମିଶ୍ର, ସୁନାବେଡ଼ା ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ପରିଚାଳନା ସମିତି ସଭାପତି ଡ. ଉମା ଶଙ୍କର ପ୍ରସାଦ ପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ଅଧ୍ୟକ୍ଷା ଉଷାରାଣୀ ଦାସ ଏବଂ ଅଧ୍ୟାପକଅଧ୍ୟାପିକା ଉପସ୍ଥିତ ଥିଲେ। ସୁନାବେଡ଼ା ପୌର ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ଉପାଧ୍ୟକ୍ଷା ରତ୍ନ କଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ନାୟକଙ୍କ ସମେତ ସମସ୍ତ କାଉନସିଲର ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ପୌର ପରିଷଦର ସମସ୍ତ ୨୫ଟି ୱାର୍ଡରେ କାଉନସିଲରମାନେ ନିଜ ନିଜ ୱାର୍ଡରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କୋରାପୁଟ ଜିଲ୍ଲା ବଧିର ସଂଘ ପକ୍ଷରୁ ସଭାପତି ଶେଖ ଇବ୍ରାହିମ ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ସମାଜସେବୀ ବିଜୟ କୁମାର ସାହୁ, ସଂଘର କର୍ମକର୍ତ୍ତା ବ୍ରହ୍ମା ଚରଣ ଗୌଡ଼, ରଞ୍ଜନ ସାହୁ ଏବଂ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ସୁନାବେଡ଼ା ହନୁମାନ ବଜାର ସ୍ଥିତ ଶାଶ୍ୱତୀ ଓ ଜାଗୃତି ମହିଳା ମହାସଂଘ ପକ୍ଷରୁ ମୁକ୍ତା ଯୋଜନାର ରାଜ୍ୟ ଉପଦେଷ୍ଟା ମିରା ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବ୍ୟାଙ୍କ ଅଫ ଇଣ୍ଡିଆର ଚିଫ ମ୍ୟାନେଜର ଦୀପ୍ତି ରଞ୍ଜନ ଦାସ, ଶାଶ୍ୱତୀ ମହିଳା ମହାସଂଘ ସଭାପତି ସ୍ୱର୍ଣ୍ଣପ୍ରଭା ପଟ୍ଟନାୟକ, ଜାଗୃତି ମହିଳା ମହାସଂଘ ସଭାପତି ଲିଲି ମହାନ୍ତିଙ୍କ ସହ ମହାସଂଘର ସମସ୍ତ ସଦସ୍ୟା ଉପସ୍ଥିତ ଥିଲେ। ସୁନାବେଡ଼ା-୧ ଦଶହରା ପଡ଼ିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଶ୍ରୀଧର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଜାତା ଦିଶାରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁନୀଲ କୁମାର ଦାସ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

## ● ଜୟପୁର(ଫଟୋ-୨୯)

କୋରାପୁଟ ଜିଲ୍ଲା ଜୟପୁର ଉପଖଣ୍ଡସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ଦଶହରା ପଡ଼ିଆ ଷ୍ଟାଡିୟମଠାରେ ଗତ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜୟପୁର ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା ଯୋଗଦେଇ ଜାତୀୟ ସଂଗୀତ ଗାନ ସହିତ ଜାତୀୟ ପତକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ଏଥିରେ ୪୮ଟି ପରେଡ୍ ଦଳ ପଡ଼ିଆରେ ମୁଖ୍ୟଅତିଥିଙ୍କୁ ଅଭିବାଦନ ପ୍ରଦାନ କରିଥିଲେ। ନିଜ ଅଭିଭାଷଣରେ



ଭାରତର ଗଣତନ୍ତ୍ର ଦିବସରେ ସମସ୍ତ ଜୟପୁର ସହର ଓ ଉପଖଣ୍ଡ ବାସିନ୍ଦାଙ୍କୁ ଶୁଭକାମନା ପ୍ରଦାନ କରିବା ସହିତ ଆମ ଦେଶ ବିଶ୍ୱର ସର୍ବବୃହତ୍ତମ ଗଣତନ୍ତ୍ର ରାଷ୍ଟ୍ର ଭାବେ ପରିଚିତ ରହିଛି। ତେଣୁ ଦେଶର ଏହି ବୃହତ୍ ଗଣତନ୍ତ୍ର ବ୍ୟବସ୍ଥାକୁ ଦୀର୍ଘ ବର୍ଷ ଧରି ବଜାୟ ରଖିବା ଏବଂ ସମ୍ମାନ ଦେବା ସମସ୍ତ ଭାରତୀୟ ନାଗରିକଙ୍କ କର୍ତ୍ତବ୍ୟ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ମୁଖ୍ୟ ଅତିଥିଙ୍କ ଅଭିବାଦନ ପରେ ଶାରୀରିକ କ୍ରୀଡ଼ା କୌଶଳ, ଛାତ୍ରଛାତ୍ରୀମାନଙ୍କ ପ୍ରତିଯୋଗିତା ଓ କୌତୁକ ପୋଷାକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ବିଜେତା ଛାତ୍ରଛାତ୍ରୀ ଓ ପରେଡରେ ଭାଗ ନେଇ ଥିବା ବିଜେତା ଦଳଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେଡରେ ବ୍ୟାଣ୍ଡ ଦଳ ଭାବେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଦଶହରା ପଡ଼ିଆଠାରେ ଆୟୋଜିତ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମ ପରେ ସ୍ଥାନୀୟ ଶିଶୁ ସଦନରେ ଥିବା ଅନ୍ତେବାସୀ, ମୁଖ୍ୟ ଚିକିତ୍ସାଳୟର ରୋଗୀ ଓ ଉପଖଣ୍ଡ କାରାଗାର ଅନ୍ତେବାସୀଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି ସମାରୋହରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର ମୋନାଲିସା ଆଚାର୍ଯ୍ୟୀ, ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡୀ, ମହିଳା ଥାନା ଅଧିକାରୀ ଅନିତା କୁଜୁର, ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଏନସିସି ଶିକ୍ଷକ ଡ. ଲକ୍ଷ୍ମଣ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ମହିଳା ଏନସିସି ଅଧିକାରୀ ସନ୍ତୋଷିନୀ ମୁଣ୍ଡା, ଜୁନିୟର ରେଡକ୍ରସ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା, କ୍ରୀଡ଼ା ଶିକ୍ଷକ ନିରଞ୍ଜନ ପାଣିଗ୍ରାହୀ, ଉପଖଣ୍ଡ କ୍ରୀଡ଼ା ସଂଘର ସମ୍ପାଦକ ରବି ନାୟକ ଏବଂ ବିଭିନ୍ନ ସରକରୀ ଓ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏହି ଉତ୍ସବକୁ ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ନାୟକ ପରିଚାଳନା କରିଥିଲେ।

## ● ସେମିଳିଗୁଡ଼ା

କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ୍ ଅନ୍ତର୍ଗତ କୁନ୍ଦୁଲିସ୍ଥିତ ଆଦିମ ଗୁରୁକୁଳ ଆଶ୍ରମରେ ଚିତାକର୍ଷକ ଭାବରେ ଗଣତନ୍ତ୍ର ଦିବସ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ



ହୋଇଥିଲା। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଚିତ୍ତରଞ୍ଜନ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରି ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ଛାତ୍ରମାନଙ୍କୁ ଭଲ ମଣିଷ ହେବାକୁ ଉପଦେଶ ଦେଇଥିଲେ। ଆଶ୍ରମ ପରିଚାଳନା କମିଟିର ସଭାପତି ଆନନ୍ଦ ପାଟୱାନିଆଙ୍କ ସୌଜନ୍ୟରେ ଅନ୍ତେବାସୀଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଡା. ଶ୍ୟାମ ସୁନ୍ଦର ପାଣିଗ୍ରାହୀଙ୍କ ଦ୍ୱାରା ପରିଚାଳିତ ଏହି ଶିବିରରେ ଔଷଧ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଡ. ଜଳେନ୍ଦ୍ର ତ୍ରିପାଠୀ, ସୁରେନ୍ଦ୍ର କହଁର, ମନୋଜ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଆଶ୍ରମର ଆଚାର୍ଯ୍ୟ ମନୁଦେବ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଜିଲ୍ଲାସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ

# ସାଧାରଣତନ୍ତ୍ର ଦିବସ ଆତ୍ମ ସମୀକ୍ଷା ଓ ସଂକଳ୍ପର ଦିବସ ହେଉ: ଜିଲ୍ଲାପାଳ

ନବରଙ୍ଗପୁର, ୨୭।୧(ସମିସ)

ନବରଙ୍ଗପୁର ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ପ୍ରଶାସନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ପ୍ରାତଃ ସମୟରେ ସହରରେ ରାମ ଧୁନ୍, ପ୍ରଭାତ ଫେରି, ସହର ସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାସ୍ତରୀୟ ଅଧିକାରୀ, ବିଶିଷ୍ଟ ବ୍ୟକ୍ତି ବିଶେଷ, ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଷ୍ଟାଡିୟମଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରିବ ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଡ. ମିଶ୍ର ଭାରତର ସ୍ୱାଧୀନତା ଓ ଭାରତର ସମ୍ବିଧାନ ପ୍ରଣୟନରେ ଯେଉଁ ମହାପୁରୁଷଙ୍କ ଅକ୍ଳାନ୍ତ ପରିଶ୍ରମ, ନିଷ୍ଠା ଓ ତ୍ୟାଗ ରହିଥିଲା ସେମାନଙ୍କ ସ୍ମୃତିଚାରଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାଧାରଣତନ୍ତ୍ର ଦିବସ ଆତ୍ମ ସମୀକ୍ଷା ଓ ସଂକଳ୍ପର ଦିବସ ହେଉ ବୋଲି ଜିଲ୍ଲାପାଳ ଡ. ମିଶ୍ର ଆହ୍ୱାନ ଦେଇଥିଲେ। ଜିଲ୍ଲାର ସର୍ବାଙ୍ଗିଣ ଉନ୍ନତି ଓ ବିକାଶ ନିମନ୍ତେ ସରକାରଙ୍କର ବିଭିନ୍ନ ଜନହିତକର ଯୋଜନା କାର୍ଯ୍ୟକାରୀ



କରାଯାଉଛି। ଏହାର ସଫଳ ରୂପାୟଣରେ ସମସ୍ତଙ୍କର ସହଯୋଗର ଆବଶ୍ୟକତା ରହିଛି ବୋଲି ଜିଲ୍ଲାପାଳ ମତ ପୋଷଣ କରିଥିଲେ। ମିଳିତ ପରେଡରେ ପୁଲିସ ବାହିନୀ, ହୋମ ଗାର୍ଡଙ୍କ ସମେତ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟର ଏନସିସି, ସ୍କାଉଟ୍ସ, ସିଭିଲିୟନ ଗ୍ରୁପର ମୋଟ ୨୩ଟି ଦଳ ଭାଗ ନେଇ ଆକର୍ଷଣୀୟ ପରେଡ୍ ପରିଦର୍ଶନ କରିଥିଲେ। ଏହି ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, କୃଷି ବିଭାଗ, ସମନ୍ୱିତ ଜନଜାତି ଉନ୍ନୟନ ବିଭାଗ, ଜଳ ବିଭାଜିକା ପ୍ରକଳ୍ପ ବିଭାଗ ତରଫରୁ ପ୍ରଜ୍ଞାପନ ମେଢ଼ ପରିକ୍ରମା କରିଥିଲା। ପରେଡ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଜ୍ଞାପନ ମେଢ଼ ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ପରେଡରେ ଗ୍ରୁପ ଏନସିସିରେ ନବରଙ୍ଗପୁର କଲେଜ, ଟେକ୍ନୋ ଗୁରୁକୁଳ, ଗ୍ରୁପ ବି ସ୍କାଉଟ୍ସରେ ରାଜା ଚୈତନ୍ୟଦେବ ସରକାରୀ ଉଚ୍ଚବିଦ୍ୟାଳୟ, ସରସ୍ୱତୀ ବିଦ୍ୟାମନ୍ଦିର, ଗ୍ରୁପ ସିରେ ଥିଓଡର ପବ୍ଲିକ୍ ସ୍କୁଲ୍, ଇଉନିକ୍ ପବ୍ଲିକ୍ ସ୍କୁଲ୍, ଗ୍ରୁପ ଡିରେ ପେରେଣ୍ଟ ପ୍ରାଇଡ ପବ୍ଲିକ୍ ସ୍କୁଲ୍, ଟେକ୍ନୋ ଗୁରୁକୁଳ ପବ୍ଲିକ୍ ସ୍କୁଲଙ୍କୁ ମୁଖ୍ୟ ଅତିଥି ଜିଲ୍ଲାପାଳ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଶ୍ରେଷ୍ଠ ବିବେଚିତ ଡ. ଦିଲ୍ଲୀପ କୁମାର ଦଳାଇ, ଫାର୍ମାସୀ ଜଗନ୍ନାଥ ରଥ, ନର୍ସିଂ ଅଫିସର, ବେଦମତି ପୂଝାରୀ, ଏଏନ୍ଏମ୍ ସ୍ମିତା ତ୍ରିପାଠୀ, ଆଶାକର୍ମୀ ହେମ ଲତା ଭତରା, କୃଷି ବିଭାଗରୁ ଉତ୍କୃଷ୍ଟ ମିଲେଟ୍ ଉତ୍ପାଦନ ପାଇଁ କୃଷକ ସୁନାଧର ଜାନି, ଜିଲ୍ଲା ସମାଜ କଲ୍ୟାଣ ବିଭାଗର ଶ୍ରେଷ୍ଠ ବିବେଚିତ ନନ୍ଦାହାଣ୍ଡି ସିଡିପିଓ ସସ୍ମିତା ବାଳା ମହାନ୍ତି, ସୁପରଭାଇଜର ଉମରକୋଟ, ପ୍ରାଚୀ ବିସ୍ୱାଇ ଦେ, ରାଇଘର ବ୍ଲକର ଅଙ୍ଗନବାଡ଼ି କର୍ମୀ କାମିନୀ ମଣ୍ଡଳ, ଅଗ୍ନିଶମ ବିଭାଗର କମଳା କାନ୍ତ ଦାସ, ସୁନା ଧର ଜାନି, ନବରଙ୍ଗପୁର ପୌରପାଳିକାର ଶ୍ରେଷ୍ଠ ସଫେଇ କର୍ମଚାରୀ କସ୍ତୁରୀ ହରିଜନ, ଜିତେନ୍ଦ୍ର ହରିଜନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅନ୍ୟା ଦାସ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମହେଶ୍ୱର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଭେଙ୍କଟ ରେଡ୍ଡୀ, ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଯଦୁମଣି ନାୟକ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା, ଏଡିଏମ୍ଓ ଡ. ମଳୟ କୁମାର ତ୍ରିପାଠୀ, ଆରଟିଓ ଜିତେନ୍ଦ୍ର ଭୋଇ, ଜିଲ୍ଲା ମଙ୍ଗଳ ଅଧିକାରୀ ରବିନ୍ଦ୍ର କୁମାର ପାଲାକା, ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀ, ନବରଙ୍ଗପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନୀଲ ଖରା, ଉପ ଆରକ୍ଷୀ ଅଧୀକ୍ଷକ ଡ. ଚନ୍ଦ୍ରଶେଖର ହୋତା, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନଙ୍କ ପ୍ରମୁଖ ଯୋଗଦେଇଥିଲେ। ପରେଡ୍ ପରିଚାଳନା ଆରଆଇଅଫ୍ ପୁଲିସ ଅଜୟ କୁମାର ଏକ୍କା କରିଥିଲେ। ପ୍ୟାରେଡ ଉତ୍ସବ ପରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଜେଲ ପରିଦର୍ଶନ କରି ସେଠାରେ ଥିବା ଅନ୍ତେବାସୀମାନଙ୍କୁ ଫଳ, ମିଷ୍ଟାନ୍ନ ବଣ୍ଟନ କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଶାସ୍ତ୍ରୀ ଭବନଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ପୁରସ୍କାର ବିତରଣ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ସାଧାରଣ) ମହେଶ୍ୱର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ।

## ● ପଟ୍ଟାଙ୍ଗି

କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍ ଏବଂ କୋଟିଆର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ପଟାଙ୍ଗି ସଦର ମହକୁମା ସ୍ଥିତ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ ପଟନାୟକ, ତହସିଲ



କାର୍ଯ୍ୟାଳୟରେ ତହସିଲଦାର ବିରେନ୍ଦ୍ର ବାହାଦୁର ସିଂ ଧାରୁଆ, ପଟ୍ଟାଙ୍ଗି ଥାନାରେ ଥାନାଧିକାରୀ ଆଇଆଇସି ଚର୍ତୁଭୂଜ ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଟ୍ଟାଙ୍ଗିର ଅଧିକାରୀ ଡ଼.ଭାଗବତ ମୁର୍ମୁ, ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରାମକୃଷ୍ଣ ସାମଲ, ଗାଙ୍ଗେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼. ଜମ୍ମେଶ୍ୱର ସାହୁ, ପଟ୍ଟାଙ୍ଗି ଅଗ୍ନିଶମ କାର୍ଯ୍ୟାଳୟର ଚିତ୍ତରଞ୍ଜନ ସେଠୀ, ମା' ଗାଙ୍ଗେଶ୍ୱରୀ ମୋଟର କର୍ମଚାରୀ ସଂଘ ପଟ୍ଟାଙ୍ଗିର ସଭାପତି ଅର୍ଜୁନ ଖରାଙ୍କ ଅଧ୍ୟକ୍ଷତାରେ ଏବଂ ଗାଙ୍ଗେଶ୍ୱରୀ ଫିଲିଙ୍ଗ ସେଣ୍ଟର ମାଳିପୁଟ, ମା ଗାଙ୍ଗେଶ୍ୱରୀ ଅବସରପ୍ରାପ୍ତ କର୍ମଚାରୀ ସଂଘ, ସେହିଭଳି ପଟ୍ଟାଙ୍ଗି ବ୍ଲକର ୧୪ଟି ପଞ୍ଚାୟତର ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଥିଲା। ସେହିଭଳି ବିବାଦୀୟ କୋଟିଆ ଗ୍ରାମ ପଞ୍ଚାୟତର ବିଭିନ୍ନ ସ୍ଥାନରେ ମଧ୍ୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।

## ● ମାଲକାନଗିରି

ମାଲକାନଗିରି ଜିଲ୍ଲାରେ ୭୫ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ଡିଏନକେ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ବିଶାଳ ସିଂ ଯୋଗଦେଇ ପତାକା ଉତ୍ତୋଳନ କରି ସମବେତ ଜନତାଙ୍କୁ ଅଭିବାଦନ ଜଣାଇଥିଲେ। ଜିଲ୍ଲାପାଳ ଶ୍ରୀ ସିଂ ପ୍ରକାଶ କରିଥିଲେ ଯେ ସମଗ୍ର ବିଶ୍ୱରେ ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରଶଂସା କରାଯାଉଛି। ଏହି ମହାନ ପରମ୍ପରାକୁ ବଜାୟ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ହେବା ଆବଶ୍ୟକ। ସମ୍ବିଧାନ ସଭାର ଅଧ୍ୟକ୍ଷ ଡ. ଭୀମରାଓ ଆମ୍ବେଦକର, ଡ. ରାଜେନ୍ଦ୍ର ପ୍ରସାଦ, ପଣ୍ଡିତ ଜବାହରଲାଲ ନେହେରୁ, ଏନ୍.ଗୋପାଲ ସ୍ୱାମୀ, କେ.ଏମ୍. ମୁନ୍‌ସୀ, ମୌଲାନା ଆବଦୁଲ୍ କାଲାମ ଆଜାଦ୍, ଡ. ହରେକୃଷ୍ଣ ମହତାବ, ବିଶ୍ୱନାଥ ଦାଶ, ମାଳତୀ ଚୌଧୁରୀ ଆଦି ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟସଦସ୍ୟାମାନଙ୍କ ଉଦ୍ଦେଶ୍ୟରେ ମଧ୍ୟ ସେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ଜିଲ୍ଲାରେ ବିମାନବନ୍ଦର ହେବା ଦ୍ୱାରା ମାଲକାନଗିରି ଜିଲ୍ଲା ଓ ଆଖପାଖ ଅଞ୍ଚଳରେ ଯୋଗାଯୋଗ, ପର୍ଯ୍ୟଟନ ଓ ବାଣିଜ୍ୟ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଘଟିବ।




ମାଲକାନଗିରି ଜିଲ୍ଲାର ଅପହଞ୍ଚ ଅଞ୍ଚଳର ଜନସାଧାରଣ ସୁବିଧାରେ ଯାତାୟାତ ପାଇଁ ରାଜ୍ୟ ସରକାର ୨୧ଟି ସଡ଼କ ପାଇଁ ୧୫୮ କୋଟି ଟଙ୍କା ଅନୁଦାନ ମଞ୍ଜୁର କରିଛନ୍ତି। ଏହି ଅନୁଦାନରେ ୧୭୨.୫୩ କିଲୋମିଟର ରାସ୍ତା ନିର୍ମାଣ ହେବ। ପର୍ଯ୍ୟଟନ କ୍ଷେତ୍ର ଭିତ୍ତିଭୂମି ବିକାଶ ପାଇଁ ୭ କୋଟି ୯୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏହାଦ୍ୱାରା ମଲ୍ଲିକେଶ୍ୱର ଶୈବପୀଠ, ହନ୍ତାଲଗୁଡ଼ା, ସତୀଗୁଡା, ଗୁରୁପ୍ରିୟା ସେତୁ ନିକଟରେ ସୌନ୍ଦର୍ଯ୍ୟକରଣ, ଗାଙ୍ଗରାଜଗୁମ୍ଫା, ମାଥିଲି ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ପାର୍କ ଓ ସୀତାକୁଣ୍ଡର ବିକାଶ ହେବ ବୋଲି ଜିଲ୍ଲାପାଳ ଉଦବୋଧନ ଦେଇଛନ୍ତି। ସାଧାରଣତନ୍ତ୍ର ଦିବସ ଅବସରରେ ଆୟୋଜିତ ପରେଡରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ଦଳ, ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ଓ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ସରକାରୀ କର୍ମଚାରୀ ଓ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନୀତେଶ ୱାଧୱାନୀ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଭାଗ ବେଦବର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ବିଭାଗ ତ୍ରିନାଥ ମାଝୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତପନ ନାରାୟଣ ରଥ ଓ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହରେକୃଷ୍ଣ କୀର୍ତ୍ତନିଆ, ରଞ୍ଜନ ମହାନ୍ତି ଓ ସରୋଜ ପଟ୍ଟନାୟକ ସହଯୋଗ କରିଥିଲେ।

## ● ବାଲିମେଳା

ମାଲକାନଗିରି ଜିଲ୍ଲା ବାଲିମେଳା ଏନଏସିରେ ପାଳିତ ହୋଇଛି ସାଧାରଣତନ୍ତ୍ର ଦିବସ। ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟଠାରେ ଏନଏସି ଅଧ୍ୟକ୍ଷ ପ୍ରଦୀପ



କୁମାର ନାୟକଙ୍କ ଦ୍ୱାରା ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଅଥିରେ ଏନଏସିର ସମସ୍ତ କର୍ମକର୍ତ୍ତା ଓ ନୂତନ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ତଥା କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସଦ ପଟ୍ଟନାୟକ ଏବଂ ସମସ୍ତ ୱାର୍ଡର କାଉନସିଲର ଉପସ୍ଥିତ ଥିଲେ। ସେହିପରି ବାଲିମେଳାର ବିଭିନ୍ନ କାର୍ଯ୍ୟାଳୟ ଯଥା- ବାଲିମେଳା ଜଳ ବିଦ୍ୟୁତ କେନ୍ଦ୍ର, ପୋଟେରୁ ଜଳସେଚନ ପ୍ରକଳ୍ପ, ଟିପିଏସଓଡିଏଲ୍ କାର୍ଯ୍ୟାଳୟ, ବ୍ୟାଙ୍କ, ପୋଷ୍ଟ ଅଫିସ, ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଜାତୀୟ ପତାକା ଉଡ଼ିବାର ଦେଖିବାକୁ ମିଳିଥିଲା।

## ● ମାଥିଲି

ମାଲକାନଗିରି ଜିଲ୍ଲାର ମାଥିଲି ଥାନା ଅନ୍ତର୍ଗତ କର୍ତନପାଲ୍ଲୀ ଗ୍ରାମଠାରେ ବିଏସଏଫ ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଏସଏଫ ୨ୟ ବାଟାଲିୟନର କମାଣ୍ଡାଣ୍ଟ ଭରୁନେନ୍ଦ୍ର ପ୍ରତାପ ସିଂହ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପରେଡରେ



ଅଭିବାଦନ ଗ୍ରହଣ କରିଥିଲେ। ଏ ଅବସରରେ ଉଦବୋଧନ ଦେଇ ଆଜିର ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିବା ସହ ସମ୍ବିଧାନ ପ୍ରଣେତା ବାବାସାହେବ ଡ.ଭୀମରାଓ ଆମ୍ବେଦକରଙ୍କ ସମେତ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଥିଲେ। ଏ ଅବସରରେ କମାଣ୍ଡାଣ୍ଟ ପୁରସ୍କାର ପ୍ରଦାନ କରିବା ସହ ଗ୍ରାମବାସୀଙ୍କୁ କୃଷି ସରଞ୍ଜାମ, ମରାମତି ସାମଗ୍ରୀ ଓ ପୋଷାକ ପ୍ରଦାନ କରିଥିଲେ। ଏଥିରେ ଦଲଦଲି, ବାରା, ଗୋଗାପଦର, କର୍ତନପାଲ୍ଲୀ ଗ୍ରାମର ୧ ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ। ଶେଷରେ ବିଏସଏଫ ପକ୍ଷରୁ ଗୋଷ୍ଠୀ ଭୋଜ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ସେହିପରି ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ମିନି ଷ୍ଟାଡିୟମ ଖେଳ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମହେଶ କୁମାର ବାକା ଯୋଗଦେଇ ପତାକା ଉତ୍ତୋଳନ କରି ସମବେତ ଛାତ୍ରଛାତ୍ରୀଙ୍କୁ ଅଭିବାଦନ ଜଣାଇଥିବାବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଷୀକେଶ ଗଣ୍ଡ ଉପସ୍ଥିତ ଥିଲେ। ଏହି ଅବସରରେ ମାଥିଲି ଅଞ୍ଚଳରେ ଥିବା ବ୍ଲକ୍ କଲୋନୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଭାତଫେରୀ, ବ୍ଲକ କାର୍ଯ୍ୟାଳୟରେ ବିଡିଓ ହୃଷୀକେଶ ଗଣ୍ଡ, ନୂତନ ସହିଦ ଲକ୍ଷ୍ମଣ ନାୟକ ଭବନଠାରେ ମାଥିଲି ସଦର ସମିତିସଭ୍ୟ ବାଲରାଜୁ କୋପେ, ମାଥିଲି ଗାନ୍ଧୀ ଛକଠାରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ସଦର ସରପଞ୍ଚ କାନାମରାଜୁ ନାୟକ ପତାକା ଉତ୍ତୋଳନ ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ● କୋରାପୁଟ

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସୁନାବେଡ଼ା ସ୍ଥିତ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ



କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଜାତୀୟ ପତାକା ଉତ୍ତୋଳନ କରିବା ସହ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, କର୍ମଚାରୀ, ଗବେଷକ ଓ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ। ୨୦୨୫ରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନ ଭଳି ମୌଳିକ ବିଜ୍ଞାନ ବିଷୟ ଆରମ୍ଭ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ଏହାବ୍ୟତୀତ ଦେଶର ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରି ଉନ୍ନତ ଶିକ୍ଷା ଓ ବୈଷୟିକ ଜ୍ଞାନକୌଶଳ ପାଇଁ ଛାତ୍ରଛାତ୍ରୀଙ୍କୁ ବିଦେଶ ପଠାଇବାକୁ ବିଶ୍ୱବିଦ୍ୟାଳୟ ଲକ୍ଷ୍ୟ ରଖିଛି ବୋଲି ସେ ଘୋଷଣା କରିଥିଲେ। ପ୍ରଫେସର ତ୍ରିପାଠୀ ତାଙ୍କ ଅଭିଭାଷଣରେ ଏହି ଅଞ୍ଚଳର ଆଦିବାସୀ ଲୋକଙ୍କ ଜୀବନଶୈଳୀ ଉପରେ ଗୁରୁତ୍ୱାରୋପ କରିବା ସହ ଏହାକୁ ମା' ଶବରୀଭୂମି ଦଣ୍ଡକାରଣ୍ୟଭୂମି ବୋଲି ବର୍ଣ୍ଣନା କରିଥିଲେ। ସେମାନଙ୍କର ଅର୍ଥନୈତିକ ଆହ୍ୱାନକୁ ସ୍ୱୀକାର କରି ସେ ଆଦିବାସୀଙ୍କ ସମୃଦ୍ଧ ଆଭ୍ୟନ୍ତରୀଣ ଶାନ୍ତିକୁ ପ୍ରଶଂସା କରିଥିଲେ ଏବଂ ଏହା ବସ୍ତୁବାଦୀ ମଣିଷ ଜୀବନର ଅସମାପ୍ତ ଅଶାନ୍ତି ଓ ଯନ୍ତ୍ରଣାଠାରୁ ବହୁ ଊର୍ଦ୍ଧ୍ୱରେ ବୋଲି କହିଥିଲେ। ଦେଶର ଏକ ଅବହେଳିତ ଅଞ୍ଚଳରେ ପ୍ରତିଷ୍ଠା ହୋଇଥିବା ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଶିକ୍ଷାଗତ ଉନ୍ନତିର ମାର୍ଗଦର୍ଶକ ଭାବେ ଉଭା ହୋଇଥିବାବେଳେ ଜ୍ଞାନ ପ୍ରସାର ମାଧ୍ୟମରେ ଏହି ଅଞ୍ଚଳର ଉନ୍ନତି ପାଇଁ ଲକ୍ଷ୍ୟ ରଖିଛି ବୋଲି ସେ ପ୍ରକାଶ କରିଥିଲେ। ଅର୍ଥନୈତିକ ବିକାଶରେ ବିଶ୍ୱବିଦ୍ୟାଳୟର ଅବଦାନ ସମ୍ପର୍କରେ ଆଲୋଚନା କରି ପ୍ରଫେସର ତ୍ରିପାଠୀ କୃଷି, ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ, ଜଙ୍ଗଲ ପରିଚାଳନା ଓ ଲଜିଷ୍ଟିକ୍ସ ଏବଂ ଯୋଗାଣ ଶୃଙ୍ଖଳା ପରିଚାଳନା ଭଳି ବିଷୟର ପ୍ରଚଳନ ବିଷୟରେ ଉଲ୍ଲେଖ କରିଥିଲେ। ହିନ୍ଦୀ ଭାଷାର ଅର୍ଥନୈତିକ ଲାଭ ଉପରେ ଗୁରୁତ୍ୱାରୋପ କରି ସେ ବିଶ୍ୱବିଦ୍ୟାଳୟରେ ଏକ ହିନ୍ଦୀ ଭାଷା ଶିକ୍ଷା କେନ୍ଦ୍ର ପ୍ରତିଷ୍ଠା କରିବାକୁ ଘୋଷଣା କରିଥିଲେ। ଯାହାର ଉଦ୍ଦେଶ୍ୟ ହିନ୍ଦୀ ଜାଣି ନ ଥିବା ସ୍ଥାନୀୟ ଜନସାଧାରଣ ହିନ୍ଦୀ ଶିକ୍ଷା ଲାଭ କରିବେ ଓ ସେମାନେ ହିନ୍ଦୀ ଭାଷୀ ରାଜ୍ୟରେ ଉତ୍ପାଦ ବିକ୍ରି କରି କିମ୍ବା ଉନ୍ନତ ନିଯୁକ୍ତି ସୁଯୋଗ ହାସଲ କରି ସେମାନଙ୍କର ଅର୍ଥନୈତିକ ସମ୍ଭାବନା ବୃଦ୍ଧି କରିବା ପାଇଁ ସଶକ୍ତ ହେବେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ବଜାୟ ରଖିବାରେ ଉଲ୍ଲେଖନୀୟ ଅବଦାନ ପାଇଁ କୁଳପତି ୫ ଜଣ ଉତ୍କୃଷ୍ଟ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ବୋଲି ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଜଣାଇଛନ୍ତି।

## ● କୋଷାଗୁମୁଡ଼ା

ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକର ମାଝିଧନୁଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷକ ବଦ୍ରିନାରାୟଣ ବିଶ୍ୱାଳ ପତାକା ଉତ୍ତୋଳନ କରିଥିଲେ। ଏହି ଉତ୍ସବରେ ମାଝୀଧନୁଆ ଗ୍ରାମ ପଞ୍ଚାୟତର ସରପଞ୍ଚ ଦୟାରାମ ପୂଜାରୀ



ମୁଖ୍ୟ ଅତିଥି, ଯୁଗ୍ରର ହରିଜନ ମୁଖ୍ୟବକ୍ତା, ଦୟାରାମ ପନକା ସମ୍ମାନିତ ଅତିଥି, ଏସ୍ଏମସି ସଭାପତି ଲକ୍ଷ୍ମୁ ହଲବା ଉପସ୍ଥିତ ଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଗ୍ରାମ ପରିଭ୍ରମଣ କରିବା ସହ ମାର୍ଚ୍ଚ ଫାଷ୍ଟ କରିଥିଲେ। ଏହି ଅବସରରେ ଗୀତ, ନୃତ୍ୟ, ବକ୍ତୃତା ଓ ଆକାଂକ୍ଷୀ ପାଠ୍ୟକ୍ରମରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ସରପଞ୍ଚ, ସମିତିସଭ୍ୟ ଏବଂ ୱାର୍ଡମେମ୍ବର ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ବଦ୍ରିନାରାୟଣ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ମଧୁସୂଦନ ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

## ● କାକିରିଗୁମ୍ମା

କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ କାକିରିଗୁମ୍ମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।



ଏଥିରେ କାକିରିଗୁମ୍ମା ଥାନା ଅଧିକାରୀ ପ୍ରମିଳା ବିଡିକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ମିନକେତନ ନାୟକ ଉପସ୍ଥିତ ଥିଲେ। ପ୍ରଧାନଆଚାର୍ଯ୍ୟ ବିଜୟ ଲକ୍ଷ୍ମୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଗୁରୁମା ତପସ୍ୱିନୀ କର୍କରା, ମିନତୀ ପାତ୍ର, କାଞ୍ଚିରାଣୀ ହିଆଲଙ୍କ ସମେତ ସମସ୍ତ ଗୁରୁମା' ସହଯୋଗ କରିଥିଲେ। ସେହିପରି ଗୌଡ଼ଗୁଡ଼ା ପଞ୍ଚାୟତର ଭଗବତୀ ମୁଦୁଲି ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାକିରିଗୁମ୍ମାରେ ପୃଷ୍ଟ ସାଉନ୍ତା ପତାକା ଉତ୍ତୋଳନ କରିଥିଲେ।

## ● ସେମିଳିଗୁଡ଼ା

କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ସହରର ଶୁକ୍ରବାର ବିଭିନ୍ନ ଅନୁଷ୍ଠାନ ତରଫରୁ ୭୫ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସେମିଳିଗୁଡ଼ାର ଅରବିନ୍ଦ ପାଠାଗାର, ସୀତମ୍ କଲେଜ, ସେମିଳିଗୁଡ଼ା ମହାବିଦ୍ୟାଳୟ,



ସେମିଳିଗୁଡ଼ା ପ୍ରେସ କ୍ଲବ, ନାଗରିକ ସଂଘ, ଟ୍ରକ୍ ମାଲିକ ସଂଘ, ବିଜେଡି ଜିଲ୍ଲା ଯୁବ କାର୍ଯ୍ୟାଳୟ, ବିଜେପି କାର୍ଯ୍ୟାଳୟ, ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଦେଓମାଳି ଅଟୋ ସଂଘ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନଠାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପତାକା ଉତ୍ତୋଳନ କରି ଗଣତନ୍ତ୍ର ଦିବସର ମହତ୍ତ୍ୱ ବର୍ଣ୍ଣନା କରିଥିଲେ। କୁନିକୁନି ପିଲାଙ୍କ ସମେତ ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରି ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ଥାନୀୟ ସରସ୍ୱତୀ ବିଦ୍ୟା ଓ ଶିଶୁ ମନ୍ଦିରର ଛାତ୍ରଛାତ୍ରୀମାନେ ସହର ପରିକ୍ରମା କରିଥିଲେ।

## ● ଡାବୁଗାଁ

ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଥାନା, ପୋଷ୍ଟ ଅଫିସ, ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ, ସାମ୍ବାଦିକ ସଂଘ କାର୍ଯ୍ୟାଳୟ, ଡ୍ରାଇଭର ମହାସଂଘ ଓ ବିଭିନ୍ନ ସରକାରୀ ବେସରକାରୀ କାର୍ଯ୍ୟାଳୟ ଓ ବିଦ୍ୟାଳୟଗୁଡ଼ିକରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହା ସହ ଡାବୁଗାଁ ବ୍ଲକ୍ ସଦରମହକୁମା ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମନୋହର ରନ୍ଧାରୀ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଅନୁଷ୍ଠିତ ପରେଡରେ ମୋଟ ୧୫ଟି ଗ୍ରୁପ ଭାଗ ନେଇଥିଲେ। ଏଥିରେ ଡାବୁଗାଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର କନିଷ୍ଠ ବିଭାଗ ପରେଡରେ ପ୍ରଥମ ହୋଇଥିବାବେଳେ ଡାବୁଗାଁ ଉଚ୍ଚ ବିଦ୍ୟାଳୟର ଆଥଲେଟିକ ଗ୍ରୁପ ୨ୟ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବରିଷ୍ଠ ବିଭାଗ ୩ୟ ସ୍ଥାନ ଅଧିକାର କରିଥିଲେ। ଶ୍ରେଷ୍ଠ କମାଣ୍ଡର



ଭାବେ ସ୍ୱାଗତିକା ଚୌଧୁରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏଥିରେ ବ୍ଲକ ଅଧ୍ୟକ୍ଷା ବୀଣା ମାଝୀ, ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଜିଲ୍ଲା ପରିଷଦ ସଭ୍ୟ ଗୁପ୍ତ ବିଶୋୟୀ, ରାଜ୍ୟସଭା ସାଂସଦ ପ୍ରତିନିଧି ରାମାରାଓ ଚୌଧୁରୀ, ସାଂସଦ ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ର କୁମାର ମିଶ୍ର, କଂଗ୍ରେସ ବ୍ଲକ ସଭାପତି ଜି ସାଇ ରାଜୁ, ବାବି ଜେନା, ତହସିଲଦାର ସଦାଶିବ ଭତ୍ରା, ବିଡିଓ ଶରତ ମାଝୀ, ଏବିଡିଓ ପଦ୍ମନାଭ ତ୍ରିପାଠୀ, ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ, ଏସ୍ଆଇ ଚନ୍ଦନ ସାହୁ, ଏଏସ୍ଆଇ ସୀମାଞ୍ଚଳ ମହାରଣା, ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାସ ଚନ୍ଦ୍ର ରାୟ, କ୍ରୀଡ଼ା ଶିକ୍ଷକ ହେମନ୍ତ କୁମାର ସାମଲ ପ୍ରମୁଖ ଉପସ୍ଥିତ ରହିଥିବାବେଳେ ଶିକ୍ଷକ ବିଶ୍ୱେଷ କୁମାର ତ୍ରିପାଠୀ, ବଲ୍ଲଭ ନାରାୟଣ ପଣ୍ଡା, ବିଦେଶୀ ମହାକୁଡ଼, ଅମୂଲ୍ୟ ଦଳାଇ ପ୍ରମୁଖ ଯୋଗଦେଇଥିଲେ।

## ● କୋରାପୁଟ

ସ୍ଥାନୀୟ ପୁଲିସ ପ୍ୟାରେଡ ପଡିଆରେ ୭୫ତମ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କ୍ରୀଡ଼ା ଓ ଯୁବସେବା, ଇଲେକ୍ଟ୍ରୋନିକ୍ସ, ପ୍ରଯୁକ୍ତି ବିଦ୍ୟା ରାଷ୍ଟ୍ରମନ୍ତ୍ରୀ ତୁଷାର କାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ପରେଡରେ ୨୨ ଟି ଦଳ ଅଂଶ ଗ୍ରହଣ କରିଥିଲେ। କୋରାପୁଟ ଜିଲ୍ଲାକୁ ଏକ ନମ୍ବର ଜିଲ୍ଲା ଭାବେ ପରିଗଣିତ କରିବାକୁ ମନ୍ତ୍ରୀ ତୁଷାର କାନ୍ତି ବେହେରା ଆହ୍ୱାନ ଦେବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତ୍ୟେକ ଜନ କଲ୍ୟାଣକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କୁ ଆହ୍ୱାନ ଦେଇଥିଲେ। ବିଭିନ୍ନ ସରକାରୀ ସଂସ୍ଥା ପକ୍ଷରୁ ପ୍ରଜ୍ଞାପନ ମେଢ ପ୍ରଦର୍ଶନ କରାଯାଇଥିଲା। ଜୁନିୟର ସିଭିଲିୟନରେ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ପୂଜାରୀପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପୁରସ୍କୃତ ହୋଇଥିବା ବେଳେ ଲିଟିଲ କମାଣ୍ଡର ଭାବେ ଶ୍ରୀ ରାମକୃଷ୍ଣ ବିଦ୍ୟା ମନ୍ଦିରର ଛାତ୍ର ଦିବ୍ୟ ରଞ୍ଜନ ମୁଦୁଲିଙ୍କୁ ପୁରସ୍କୃତ କରାଯାଇଥିଲା। ପରେଡ୍ ନନ ସିଭିଲିଆନରେ କୋରାପୁଟ ସରକାରୀ କଲେଜ ପ୍ରଥମ, ଜବାହର ନବୋଦୟ ବିଦ୍ୟାଳୟ ୨ୟ ଏବଂ କୋରାପୁଟ ସରକାରୀ ହାଇସ୍କୁଲ ତୃତୀୟ ସ୍ଥାନ ପାଇ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲା। ଜୁନିୟର ସିଭିଲିଆନ ପ୍ୟାରେଡରେ କୋରାପୁଟ ବିକାଶ ବିଦ୍ୟାଳୟ ପ୍ରଥମ, ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ ଦ୍ୱିତୀୟ ଏବଂ



ରାମକୃଷ୍ଣ ବିଦ୍ୟା ମନ୍ଦିର ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ୟାରେଡ ସିନିୟର ସିଭିଲିଆନରେ କୋରାପୁଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଥମ, କୋରାପୁଟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଦ୍ୱିତୀୟ ଏବଂ କୋରାପୁଟ ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ ତୃତୀୟ ସ୍ଥାନ ପାଇ ମୁଖ୍ୟ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନରେ ଦାମନଯୋଡ଼ି ନାଲକୋ ପ୍ରଥମ ସ୍ଥାନ ପାଇ ମୁଖ୍ୟ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିବାବେଳେ କୋରାପୁଟ ଜଳ ବିଭାଜିକା ଦ୍ୱିତୀୟ ଏବଂ କୋରାପୁଟ ଆଇଟିଡିଏ ତୃତୀୟ ସ୍ଥାନ ପାଇ ପୁରସ୍କୃତ ହୋଇଥିଲେ। ଆଲୋକସଜ୍ଜା ପ୍ରତିଯୋଗିତାରେ କୋରାପୁଟ ଆଇଟିଡିଏ ପ୍ରଥମ, ଜଳ ବିଭାଜିକା ଓ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କାର୍ଯ୍ୟାଳୟ, ଦ୍ୱିତୀୟ ଏବଂ କୋରାପୁଟ ମ୍ୟୁନିସିପାଲିଟି ତୃତୀୟ ସ୍ଥାନ ପାଇ ପୁରସ୍କୃତ ହୋଇଥିଲେ। ଜିଲ୍ଲାପାଳ ଅବଦ୍ଧାଲ ଏମ ଅଖତରଙ୍କ ତତ୍ତ୍ୱାଧାନରେ ଆୟୋଜିତ ସମାରୋହରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡ଼ାଲ, ଦକ୍ଷିଣ ପଶ୍ଚିମାଞ୍ଚଳ ଡି ଆଇ ଜି ଚରଣ ସିଂ ମୀନା, ଏସପି ଅଭିନବ ସୋନକର, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝୀ, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ସୀସା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସତ୍ୟ ନାରାୟଣ ପ୍ରଧାନ, ଏ.କେ.ବେହେରା ଓ ଅନ୍ୟ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ପ୍ୟାରେଡ ପଡିଆରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା।

## ● କୋଷାଗୁମୁଡ଼ା

ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ସଦର ବ୍ଲକ କାର୍ଯ୍ୟାଳୟରେ ଗାନ୍ଧୀ ଉଦ୍ୟାନ, ଗ୍ରାମ୍ୟ ଜଳଯୋଗାଣ କାର୍ଯ୍ୟାଳୟ, ସ୍ଥାନୀୟ ଲକ୍ଷ୍ମଣ ନାୟକ ଖେଳପଡ଼ିଆ ସ୍ଥିତ ସହିଦ ପ୍ରଶାନ୍ତ ପାତ୍ରଙ୍କ ପ୍ରତିମୂର୍ତ୍ତି, ସ୍ଥାନୀୟ ପ୍ରାଇଭେଟ ବସ ୟୁନିୟନ, ଲ୍ୟାମ୍ପସ, ଥାନା, ଡ୍ରିମ ଇଣ୍ଡିଆ ପବ୍ଲିକ ସ୍କୁଲ, ଶିଶୁ ବିଦ୍ୟମନ୍ଦିର, ଶିଶୁ ମନ୍ଦିର, ତହସିଲ, ରାଜଚଉଁରିୟା କଲେଜ ଏବଂ ସମସ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ପ୍ରାଇଭେଟ ଅନୁଷ୍ଠାନଗୁଡ଼ିକରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଛି। କୋଷାଗୁମୁଡ଼ାର ମାଟି ପୁତ୍ର ସହିଦ ପିଙ୍କୁ ପାତ୍ରଙ୍କ ପ୍ରତିମୂର୍ତ୍ତିରେ



ବ୍ଲକ ଚେୟାରମ୍ୟାନ ସର୍ବେଶ୍ୱରୀ ମାଝୀ, ବିଡିଓ ଆଶିଷ ତ୍ରିପାଠୀ, କେ.ଏନ ରାଜୁ ଓ ସ୍ଥାନୀୟ ଥାନା ଏସଆଇ ସୀମା ଲାକ୍ରା ଏବଂ ରାମ ଖଣ୍ଡଗିରିଙ୍କ ସହ ସ୍ଥାନୀୟ ଭଦ୍ର ବ୍ୟକ୍ତି ଏବଂ ସହିଦଙ୍କ ବାପା କାହ୍ନୁଚରଣ ପାତ୍ର ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦ୍ୱୀପ ପ୍ରଜ୍ୱଳନ, ଶ୍ରୀଫଳ ଭାଙ୍ଗି ସହିଦଙ୍କ ସ୍ମୃତିଚାରଣ କରିବା ସହ ଉପସ୍ଥିତ ଟୋମ ସ୍କୁଲ, ପ୍ରାଥମିକ ଏକ୍ସବୋର୍ଡ, ଶିଶୁ ବିଦ୍ୟାମନ୍ଦିର, ଶିଶୁମନ୍ଦିର, ଡ୍ରିମ ଇଣ୍ଡିଆ ପବ୍ଲିକ ସ୍କୁଲ ଏବଂ ଉଚ୍ଚ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ତାପରେ ଉକ୍ତ ଲକ୍ଷ୍ମଣ ନାୟକ ଖେଳ ପଡ଼ିଆରେ ବ୍ଲକ ତରଫରୁ ଆୟୋଜିତ ମଞ୍ଚରେ ଏକ ତର୍କ, ପରେଡ୍, ନୃତ୍ୟ, ସଙ୍ଗୀତ ଏବଂ କର୍ତ୍ତବ୍ୟ ପରାୟଣ ହୋଇ କାର୍ଯ୍ୟ କରୁଥିବା ଆଶା ଦିଦି, ଅଙ୍ଗନବାଡ଼ି ଦିଦି, ଏଏନଏମ୍, ସମିତିସଭ୍ୟ, ସରପଞ୍ଚ ଭଳି ଆଗ ଧାଡ଼ିର ବ୍ୟକ୍ତି ବିଶେଷଙ୍କୁ ପ୍ରମାଣ ପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା।

